ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୦୩**

# ଟ୍ରମ୍ପଙ୍କ ଧମକ ଅଗ୍ରହଣୀୟ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭାରତୀୟ ସାମଗ୍ରୀର ଆମଦାନୀ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ୨୫ ପ୍ରତିଶତ ଟାରିଫ (ଶୁଳ୍କ) ଏବଂ ରୁଷରୁ ଅସ୍ତ୍ରଶସ୍ତ୍ର ଓ ଅଶୋଧିତ ତୈଳ କିଣିବା ଉଠା ଘଟଣାରେ କ୍ଷୁବ୍ଧ ହୋଇ ଜରିମାନା ଘୋଷଣା ନେଇ ବିସ୍ମିତ ହେବାର କିଛି କାରଣ ନାହିଁ, କିନ୍ତୁ ଚିନ୍ତାଜନକ । ଭାରତ-ଆମେରିକା ମଧ୍ୟରେ ମୁକ୍ତ ବାଣିଜ୍ୟ ଆଲୋଚନା ସଫଳତା ଦିଗରେ ଅଗ୍ରସର ହେଉଥିବା ସମୟରେ ଟ୍ରମ୍ପଙ୍କ ଏଭଳି ଘୋଷଣା ଏଥିରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ଟାଣିଦେଇଛି । ତେବେ ଭାରତୀୟ ସାମଗ୍ରୀ ପାଇଁ ବିଶ୍ୱର ସର୍ବବୃହତ ବଜାର ଭାବେ ପରିଚିତ ଆମେରିକାର ଜଣେ ପ୍ରତିନିଧି ଆହୁରି ଅଧିକ ଆଲୋଚନାର ଆବଶ୍ୟକା ଥିବା ଦର୍ଶାଇଥିବାବେଳେ ଭାରତ ଆଲୋଚନା ଏବେ ବନ୍ଦ କରିଦେଇଛି । କିନ୍ତୁ ଏହା ନିସନ୍ଦେହ ଯେ, ଏହି ବାଣିଜ୍ୟ ଆଲୋଚନା ଉଭୟ ଦେଶପାଇଁ ଲାଭ ଦାୟକ ଥିଲା । ପ୍ରଥମ ଆମେରିକାର ସାମଗ୍ରୀ ଓ ସେବା ପାଇଁ ଭାରତୀୟ ବଜାର ଉନ୍ମୁକ୍ତ ହେବା ସହ ଭାରତୀୟ ସାମଗ୍ରୀ ଆମେରିକାରେ ଅବାଧ ପ୍ରବେଶ କରିବାରେ ସମର୍ଥ ହୋଇଥା'ନ୍ତା । ଉଲ୍ଲେଖଯୋଗ୍ୟ ଯେ, ୨୦୨୪-୨୫ ଆର୍ଥିକ ବର୍ଷ(ଏପ୍ରିଲରୁ ମାର୍ଚ୍ଚ)ରେ ଆମେରିକାକୁ ଭାରତ ୮୬.୫ ବିଲିଅନର ସାମଗ୍ରୀ ରପ୍ତାନୀ କରିଥିଲା, ଯାହାକି ଅନ୍ୟ କୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା । ସେହିପରି ଆମେରିକାରୁ ଭାରତ ଏହି ଅବଧି ମଧ୍ୟରେ ୪୫.୭ ବିଲିଅନ ଡଲାରର ଆମଦାନୀ କରିଥିଲା, ଯାହାକି ଚୀନ, ରୁଷ ଏବଂ ୟୁଇଏଠାରୁ କମ୍ ଥିଲା । ତେବେ ବାଣିଜ୍ୟ ଚୁକ୍ତି ବନ୍ଦ ହେବା ନିଶ୍ଚିତ ଭାବେ ଦୁଇଦେଶ ପାଇଁ ହିତକାରକ ନୁହେଁ । କିନ୍ତୁ ଏହା ନିସନ୍ଦେହ ଯେ, ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ର ସାମଗ୍ରୀ ଉପରେ ଟ୍ରମ୍ପଙ୍କ ମନଇଚ୍ଛା ଶୁଳ୍କ ଘୋଷଣା ତାଙ୍କ ଅପରିପକ୍ୱ ଚିନ୍ତାଧାରାର ସନ୍ଦେଶ ଦିଏ । ଏଭଳି ପଦକ୍ଷେପ ଦ୍ୱାରା ଉଭୟ ରାଷ୍ଟ୍ର କ୍ଷତିଗ୍ରସ୍ତ ହେବେ । ଅତ୍ୟଧିକ ଶୁଳ୍କ ଯୋଗୁଁ କୌଣସି ରାଷ୍ଟ୍ର ଆମେରିକାକୁ ତା'ର ଚାହିଦା ସ୍ୱରୁପ ଆଉ ସାମଗ୍ରୀ ରପ୍ତାନୀ ନକରିବା ଆଶଙ୍କା ରହିଛି । ଯାହାର ପରିଣତି ସ୍ୱରୁପ ଆମେରିକାରେ ଦରଦାମ ବଢିବ । ସେହିପରି ରପ୍ତାନୀ କରିନପାରିବା ଦେଶ ଗୁଡିକରେ ଅର୍ଥନୀତି କ୍ଷତିଗ୍ରସ୍ତ ହେବ । ଏହା ସତ୍ୟ ଯେ, ଦେଶର ଚାଷୀଙ୍କ ସ୍ୱାର୍ଥ ରକ୍ଷା ଲାଗି ଆମେରିକାରୁ କୃଷି ଓ ଦୁଗ୍ଧଚାଷ ଉତ୍ପାଦ ଆମଦାନୀ ଉପରେ ଭାରତର ପ୍ରତିବନ୍ଧକ ଜାରି ରହିଛି । ଏହି ପ୍ରତିବନ୍ଧକ ହଟାଇବା ଆମେରିକାର ମୁଖ୍ୟ ଲକ୍ଷ୍ୟ ଥିଲା ମାତ୍ର ଏବେ ଟ୍ରମ୍ପଙ୍କ ୨୫ପ୍ରତିଶତ ଟାରିଫ ଓ ଜରିମାନା ଯୋଗୁଁ କେବଳ ବାଣିଜ୍ୟ ସମ୍ପର୍କ କ୍ଷୁର୍ଣ୍ଣ ହୋଇନାହିଁ, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସୁସମ୍ପର୍କରେ ଭଟ୍ଟା ପଡିବା ଆଶଙ୍କା ସୃଷ୍ଟି ହୋଇଛି । ପ୍ରଥମତଃ ଟ୍ରମ୍ପ-ମୋଦୀ ବନ୍ଧୁତ୍ୱ ଭାଙ୍ଗି ଯାଇଥିବା କୁହାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ ଆମେରିକା ମଧ୍ୟରେ ବିଭିନ୍ନ ସ୍ତରରେ ସମ୍ପର୍କରେ ଉନ୍ନତି ଘଟିଥିଲା । ଦୁଇଦେଶ ମଧ୍ୟରେ ଆଣବିକ ଚୁକ୍ତି ଠାରୁ ଆରମ୍ଭ କରି ଖଣିଜ ଯୋଗାଣ, ୧୦ବର୍ଷିଆ ପ୍ରତିରକ୍ଷା ପାଟନରସିପ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସେହିପରି ଟ୍ରମ୍ପଙ୍କ ଏହି ଘୋଷଣା ଯୋଗୁଁ ଭାରତ ମଧ୍ୟ କ୍ଷତିଗ୍ରସ୍ତ ହେବ । ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୦.୨ରୁ ୦.୫ ପ୍ରତିଶତ ପ୍ରଭାବିତ ହେବା ଆଶଙ୍କା ରହିଛି । ବିଶେଷ କରି ଅଟୋମୋବାଇଲ, ଅଟୋ ଯନ୍ତ୍ରାଂଶ, ଟେକ୍ସଟାଇଲ, ଇସ୍ପାତ, ଆଲୁମିନିୟମ, ସ୍ମାର୍ଟଫୋନ, ସୋଲାର ମଡ୍ୟୁଲ, ସାମୁଦ୍ରିକ ଉତ୍ପାଦ, ରତ୍ନ ଓ ଆଭୂଷଣ କ୍ଷେତ୍ର ଏହି ଶୁଳ୍କ ଯୋଗୁଁ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଏ । ଭାରତୀୟ ସାମଗ୍ରୀ ଉପରେ ଟାରିଫ ମାଡ ଯୋଗୁଁ ନିଯୁକ୍ତି ବଜାର କ୍ଷତିଗ୍ରସ୍ତ ହୋଇପାରେ । ଉଦାହରଣ ସ୍ୱରୁପ ରତ୍ନ ପଥର ଓ ଜୁଏଲାରୀ କ୍ଷେତ୍ରରେ ୫ନିୟୁତ ଲୋକ ନିଯୁକ୍ତି ପାଇଥିବାବେଳେ ଆମେରିକାକୁ ୧୧ ବିଲିଅନ ଡଲାରର ରପ୍ତାନୀ କରିଥିଲା । ଏବେ ଏହି ବଜାର ଏକ ପ୍ରକାର ଅଚଳ ହେବା ସମ୍ଭାବନା ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ଆମେରିକାରେ ଭାରତୀୟ ସାମଗ୍ରୀର ରପ୍ତାନୀ ୨୩.୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଇଣ୍ଡଷ୍ଟ୍ରିଆଲ ଆଉଟପୁଟ ଅଭିବୃଦ୍ଧି ୧.୫% ଥିଲା । ଏଥିରୁ ଆମେରିକାରେ ଭାରତୀୟ ଉତ୍ପାଦର ଚାହିଦା କେତେ ରହିଛି, ସ୍ପଷ୍ଟ ବୁଝାପଡେ । ଅନ୍ୟପକ୍ଷରେ ଭାରତର ବନ୍ଧୁ ରୁଷଠାରୁ ତୈଳ ଓ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର କିଣା ବନ୍ଦ ନକଲେ ଜରିମାନା ଲାଗୁ କରିବା ପାଇଁ ଟ୍ରମ୍ପ ଯେଉଁ ଧମକ ଦେଇଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ । ଭାରତ ସରକାର ମଧ୍ୟ ଏ ନେଇ ସ୍ଥିର ଓ ଅଟଳ ରହିଛନ୍ତି, ତାହା ସୁସ୍ପଷ୍ଟ । ଭବିଷ୍ୟତରେ ପାକିସ୍ଥାନ ଭାରତକୁ ତୈଳ ବିକିବା ନେଇ ଟ୍ରମ୍ପ ଯେଉଁ ଅସ୍ଫାଳନ କରିଛନ୍ତି, ତାହା କେବଳ ତାଙ୍କର ଅହଂକାରକୁ ଦର୍ଶାଉନାହିଁ, ବାଚାଳମୀର ପ୍ରମାଣ ଦେଉଛି । ସେହିପରି ଭାରତର ଅର୍ଥନୀତିକୁ ମୃତ କହିବା ଟ୍ରମ୍ପଙ୍କ ମତିଭ୍ରମର ଆଉ ଏକ ସଂକେତ । ପୂର୍ବରୁ ପାକିସ୍ଥାନ ଆମେରିକାର ବନ୍ଧୁ ରାଷ୍ଟ୍ର ଥିଲା । ତେବେ ସେତେବେଳେ କ'ଣ ଲାଭ ପାଇଥିଲା । ଟ୍ରମ୍ପ ଆତ୍ମସମୀକ୍ଷା କରିବା ଜରୁରୀ । କାହାର ଧମକରେ ଭାରତ କେବେ ମୁଣ୍ଡ ନୁଆଇଁ ନଥିଲା କି ଭବିଷ୍ୟତରେ ମୁଣ୍ଡ ନୁଆଁଇବ ନାହିଁ । ଭାରତ ଏବେ ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ଶକ୍ତି ହୋଇଥିବାବଳେ ସର୍ବବୃହତ ଗଣତାନ୍ତ୍ରୀକ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ପରିଚିତ । ଭାରତ ସହ ଶତୃତା କେବଳ ଟ୍ରମ୍ପଙ୍କ ଅପରିଣାମଦର୍ଶୀ ନୁହେଁ ପାଗଳାମିର ପରିଚୟ ଦେଉଛି, ଏଥିରେ ସନ୍ଦେହ ନାହିଁ ।

*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*

# କର୍ଣାଟକ ସରକାରଙ୍କ ବିବାଦୀୟ ବିଧେୟକ ଓ ତୁଷ୍ଟୀକରଣ ନୀତି



ଡ. ସମନ୍ୱୟ ନନ୍ଦ

କର୍ଣାଟକର ସିଦ୍ଧାରମେୟାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଦ୍ୱାରା ରୋହିତ ବେମୁଲା ବିଲକୁ ପାରିତ କରିବାକୁ ପ୍ରୟାସରତ ଅଛନ୍ତି । ଏହି ବିବାଦୀୟ ବିଲକୁ ନେଇ ଦେଶରେ ବିତର୍କ ଆରମ୍ଭ ହୋଇଯାଇଛି । ଏହି ବିବାଦୀୟ ବିଲ ପଛର ରହସ୍ୟ କଣ ଓ ଏହାର ଅସଲ ଉଦ୍ଦେଶ୍ୟ କଣ ସେ ସମ୍ପର୍କରେ ଆମେ ଏହି ଲେଖାରେ ବିଶ୍ଲେଷଣ କରିବା ।

ଏହି ବିଲ ଉପରେ ଆଲୋଚନା କରିବା ପୂର୍ବରୁ ଆମେ ଇତିହାସର ପୃଷ୍ଠାକୁ ଓଲଟାଇବା । ଏହି ଇତିହାସ ସେତେଟା ପୁରୁଣା ନୁହେଁ । ନରେନ୍ଦ୍ର ମୋଦୀ ସରକାର କ୍ଷମତାରେ ଆସିବାର ପୂର୍ବର ଇତିହାସ । ସେତେବେଳେ ମନମୋହନ ସିଂହ ଦେଶର ପ୍ରଧାନମନ୍ତ୍ରୀ ଥିଲେ । ତେବେ କ୍ଷମତାର ପ୍ରକୃତ ଡୋରି କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ହାତରେ ଥିଲା । ସେତେବେଳେ ସୋନିଆ ଗାନ୍ଧୀ ଏକ ସମାନ୍ତରାଳ କ୍ଷମତା କେନ୍ଦ୍ର ସୃଷ୍ଟି କରି ତାର ଅଧକ୍ଷା ଥିଲେ । ଏହି କ୍ଷମତା କେନ୍ଦ୍ରର ନାମ ଥିଲା ରାଷ୍ଟ୍ରୀୟ ପରାମର୍ଶଦାତା ସମିତି ଅଥବା ଏନଏସି । ଏହି ସମିତିର ସଦସ୍ୟ ମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ଯାଦବ, ହର୍ଷ ମନ୍ଦର ପରି ବ୍ୟକ୍ତିବିଶେଷ ମାନେ ଥିଲେ । ସେତେବେଳେ ସୋନିଆ ଗାନ୍ଧୀଙ୍କ ନେତୃତ୍ୱାଧୀନ ଓ ଯୋଗେନ୍ଦ୍ର ଯାଦବ, ହର୍ଷ ମନ୍ଦରଙ୍କ ସଦସ୍ୟମାନଙ୍କ ଦ୍ୱାରା ଏକ ନୂତନ ଆଇନ ପ୍ରଣୟନ ପାଇଁ ଡ୍ରାଫ୍ଟ କରା ଯାଇଥିଲା ।

ଯଦି ସେହି ଡ୍ରାଫ୍ଟ ସେତେବେଳେ ଆଇନରେ ପରିଣତ ହୋଇଥାନ୍ତା ସେତେବେଳେ କୌଣସି ସ୍ଥାନରେ ହିଂସା ହେଲେ ହିନ୍ଦୁ ମାନଙ୍କୁ ଦୋଷୀ ବୋଲି ସ୍ୱୀକାର କରାଯାଇଥାନ୍ତା । କୌଣସି ଦଙ୍ଗାଗ୍ରସ୍ତ ଅଂଚଳରେ ହିନ୍ଦୁ ପୀଡିତ ହେଲେ ସୁଦ୍ଧା ସେମାନଙ୍କୁ ଦୋଷୀ ବୋଲି ଧରା ଯାଇଥାନ୍ତା ।ମାତ୍ର ସେତେବେଳେ ଏହି ପ୍ରସ୍ତାବିତ ଆଇନକୁ ପ୍ରବଳ ବିରୋଧ ହୋଇଥିଲା । ଏହି କାରଣରୁ କଂଗ୍ରେସ ସରକାର ଏହାକୁ ଆଇନରେ ପରିଣତ କରି ପାରି ନ ଥିଲେ ।

ଏବେ କର୍ଣାଟକ ସରକାର ଦ୍ୱାରା ପ୍ରସ୍ତାବିତ ରୋହିତ ବେମୁଲା ବିଧେୟକରେ ସେହିଭଳି ବ୍ୟବସ୍ଥା ମାନ ରହିଛି । ଏହି ବିଧେୟକର ଘୋଷିତ ଉଦ୍ଦେଶ୍ୟ ଏସସି-ଏସଟି-ଓବିସି ଓ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ରଙ୍କୁ ସାମାଜିକ-ଆର୍ଥିକ ଓ ଧାର୍ମିକ ପୃଷ୍ଠଭୂମି ଆଧାରରେ ହେଉଥିବା ଅନ୍ୟାୟ ବିରୁଦ୍ଧରେ ସଂରକ୍ଷଣ ପ୍ରଦାନ କରିବା ରହିଛି । କିନ୍ତୁ ଏହାର ବାସ୍ତବିକତା ଘୋଷିତ ଉଦ୍ଦେଶ୍ୟ ଠାରୁ ସମ୍ପୂର୍ଣ ଭିନ୍ନ । ଏଥିରେ ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗର ଛାତ୍ର ଛାତ୍ରୀ ମାନଙ୍କର ସୁରକ୍ଷା କଥା କୁହା ଯାଇଥିଲେ ସୁଦ୍ଧା ବାସ୍ତବରେ ଏହାର ଲକ୍ଷ୍ୟ ମୁସଲମାନ ମାନଙ୍କର ତୁଷ୍ଟିକରଣ କରିବା ।

ଏବେ ସ୍ୱାଧୀନତା ପୂର୍ବର ଇତିହାସ ଉପରେ ଦୃଷ୍ଟିପାତ କରିବା । ଦେଶ ସ୍ୱାଧୀନ ହେବା ପୂର୍ବରୁ କଂଗ୍ରେସରେ ସମସ୍ତ ବିଚାରଧାରାର ଲୋକ ମାନେ ସାମିଲ ଥିଲେ । କଂଗ୍ରେସର ଅଧିବେଶନରେ ରାଜନୈତିକ ପ୍ରସ୍ତାବ ପାରିତ କରାଯିବା ସହ ସାମାଜିକ ପ୍ରସ୍ତାବ ମାନ ମଧ୍ୟ ପାରିତ କରାଯାଉଥିଲା । ଛୁଆଁ- ଅଛୁଆଁ ଭେଦ ଭାବ ପରି ବିଷୟ କିଭଳି ସମାଜକୁ ବିଭାଜିତ କରୁଛି ଓ ଦେଶର ଏକତା ପାଇଁ କିଭଳି ବ୍ୟାଘାତ ସୃଷ୍ଟି କରୁଛି ସେ ନେଇ ମଧ୍ୟ ସାମାଜିକ ପ୍ରସ୍ତାବ ପାରିତ କରାଯାଉଥିଲା । ହେଲେ ପୁଣେ ଅଧିବେଶନ ସମୟରେ କଂଗ୍ରେସର ନେତା ମାନେ କହିଲେ ଯେ ସାମାଜିକ ବିଷୟ ଆଲୋଚନା କରାଯିବା ଦ୍ୱାରା ସମାଜରେ ବିଭାଜନ ହେଉଛି ଯେଉଁ କାରଣରୁ ଦେଶକୁ ଏକାଠି କରି ସ୍ୱାଧୀନ କରିବାରେ ଅନ୍ତରାୟ ସୃଷ୍ଟି ହେଉଛି । ତେଣୁ ସାମାଜିକ ବିଷୟ ଉପରେ ଆଲୋଚନା ନ କରାଯାଇ କେବଳ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହେବ ।

ସେତେବେଳେ ବାବା ସାହେବ ଆମ୍ବେଡକର ଏହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ମୋର ଦୃଢ ମତ ଯେ ଦେଶର ଉନ୍ନତି କରିବା କଂଗ୍ରେସର ଲକ୍ଷ୍ୟ ନୁହେଁ ବରଂ କ୍ଷମତା ହାସଲ କରିବା ହିଁ କଂଗ୍ରେସର ମୂଳ ଲକ୍ଷ୍ୟ । ବାବା ସାହେବ ଆମ୍ବେଡକର ଜଣେ ଦୂର ଦ୍ରଷ୍ଟା ଥିଲେ । ସେ କଂଗ୍ରେସ ଦଳର ନେତା ମାନଙ୍କର କ୍ଷମତାଲିପ୍ସାକୁ ଭଲ ଭାବେ ଦେଖି ପାରୁଥିଲେ । ବାବା ସାହେବ ଆମ୍ବେଡକରଙ୍କର ଏହି ବକ୍ତବ୍ୟ ସେତେବେଳେ ସତ୍ୟ ପ୍ରମାଣିତ ହେଲା ଯେତେବେଳେ କଂଗ୍ରେସ ଭାରତର ବିଭାଜନର ପ୍ରସ୍ତାବକୁ ଅନୁମୋଦନ ଦେଇଥିଲା । ବାବା ସାହେବ ଯାହା ପୂର୍ବରୁ କହିଥିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହେଲା । କଂଗ୍ରେସ ଦଳ ଯଦି ଚାହିଁ ଥାନ୍ତା ତେବେ ଦେଶର ବିଭାଜନକୁ ରୋକା ଯାଇ ପାରି ଥାନ୍ତା । କିନ୍ତୁ କ୍ଷମତା ପାଇବାର ମୋହରେ କଂଗ୍ରେସ ନେତା ମାନେ ଦେଶର ବିଭାଜନ କରିବାକୁ ସ୍ୱୀକାର କରି ନେଲେ । ପରବର୍ତୀ ସମୟରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଜବାହର ଲାଲ ନେହେରୁ ମଧ୍ୟ ଏହି କଥାକୁ ସ୍ୱୀକାର କରିଥିଲେ । ସେ କହିଥିଲେ ଯେ ଦେଶର ବିଭାଜନକୁ ଅଟକା ଯାଇ ପାରିଥାନ୍ତା । ହେଲେ ଏଥିରେ ଭାରତ ସ୍ୱାଧୀନ ହେବାରେ ଆଉ କିଛି ବର୍ଷ ଲାଗି ଯାଇଥାନ୍ତା । ତାଙ୍କର ଏହି କଥାରୁ ସ୍ପଷ୍ଟ ହେଉଛି ଯେ ଦେଶର ବିଭାଜନକୁ ରୋକା ଯାଇ ପାରି ଥାନ୍ତା । ହେଲେ ଏପରି କରିବା ଦ୍ୱାରା ଦେଶ ସ୍ୱାଧୀନ ହେବାରେ ଆଉ କିଛି ବର୍ଷ ଲାଗିଥାନ୍ତା ଓ ତାଙ୍କର କ୍ଷମତା ପ୍ରାପ୍ତି କରିବାରେ ବିଳମ୍ବ ହୋଇଥାନ୍ତା । ତେଣୁ କଂଗ୍ରେସ ଦଳ ପାଇଁ ଶୀଘ୍ର କ୍ଷମତା ହାସଲ କରିବା ଅଧିକ ଆବଶ୍ୟକ ଥିଲା , ଦେଶର ବିଭାଜନକୁ ରୋକିବା ତାଙ୍କ ଅଗ୍ରାଧିକାରରେ ନ ଥିଲା ।

ଦେଶ ବିଭାଜନ ବେଳେ ବାବା ସାହେବଙ୍କ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଥିଲା । ସ୍ୱାଧୀନତା ପାଇବା ପରେ ମଧ୍ୟ ବାବା ସାହେବଙ୍କ ଭବିଷ୍ୟତବାଣୀ ବାରମ୍ବାର ସତ୍ୟ ପ୍ରମାଣିତ ହୋଇ ଆସିଛି । କଂଗ୍ରେସ ଦଳର ମୁସଲମାନ ତୁଷ୍ଟିକରଣ ପାଇଁ ଭାରତ ବିଭାଜନ ହୋଇଥିଲା । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ କଂଗ୍ରେସ କ୍ଷମତା ହାସଲ କରିବାକୁ ବାରମ୍ବାର ମୁସଲମାନ ତୁଷ୍ଟିକରଣକୁ ନିଜର ପ୍ରମୁଖ ଆୟୁଧ କରି ଆସିଛି । ଦେଶର କ୍ଷତି ତାଙ୍କ ପାଇଁ ଆଦୌ ଗୁରୁତ୍ୱ ରଖେ ନାହିଁ । ତୁଷ୍ଟିକରଣ କରି ଦେଶର କ୍ଷତି ସାଧନ ସତ୍ତ୍ୱେ କଂଗ୍ରେସ କ୍ଷମତା ହାସଲ କରିବାକୁ ବାରମ୍ବାର ଚେଷ୍ଟା କରି ଆସିଛି । ସ୍ୱାଧୀନ ଭାରତର ଇତିହାସରେ ଏହାର ଅନେକ ଉଦାହରଣ ଆମେ ଦେଖିବାକୁ ପାଇବା ।

କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ମୁସଲମାନମାନଙ୍କର ତୁଷ୍ଟିକରଣ କରିବାକୁ ଜାଣି ଶୁଣି ମାଇନରିଟି ଶବ୍ଦକୁ ବିଧେୟକରେ ଯୋଡା ଯାଇଛି । ଏପରି କରି କଂଗ୍ରେସ ଦଳ ଭାରତରେ ମୁସଲମାନ ମାନଙ୍କୁ 'ଶୋଷିତ' ବୋଲି ବର୍ଗୀକରଣ କରିବା ସହ ହିନ୍ଦୁ ମାନଙ୍କୁ 'ଶୋଷକ' ବୋଲି ପ୍ରମାଣିତ କରିବାକୁ ଅପଚେଷ୍ଟା କରିଛି । ଏହା ଠାରୁ ଅଧିକ କ୍ରୁର ଉପହାସ କଣ ବା ହୋଇ ପାରେ ।

ମୁସଲମାନ ତୁଷ୍ଟିକରଣ କାରଣରୁ କଂଗ୍ରେସ ଦୀର୍ଘ ଦିନ ଧରି ମୁସଲମାନ ମାନଙ୍କର ଭୋଟ ହାସଲ କରି କ୍ଷମତା ହାସଲ କରିବାରେ ସଫଳ ହେଉଥିଲା । ହେଲେ ପରବର୍ତୀ ସମୟରେ ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ ଓ ଅନ୍ୟ ରାଜନୈତିକ ଦଳ ମାନେ ମୁସଲମାନ ମାନଙ୍କର ଭୋଟ ପାଇବାରେ ସଫଳ ହେବାରେ ଲାଗିଲେ । ଏହାର ଦୁଷ୍ପରିଣାମ ସ୍ୱରୂପ କଂଗ୍ରେସ ଧୀରେ ଧୀରେ କ୍ଷମତାରୁ ଦୂର ହେବାରେ ଲାଗିଲା । ତେଣୁ ସୋନିଆ ଗାନ୍ଧୀଙ୍କ କଂଗ୍ରେସ ଏବେ ପୁଣି ଥରେ ସେହି ତୁଷ୍ଟିକରଣର ଜୋରଦାର ଖେଳ ଆରମ୍ଭ କରିଛନ୍ତି । କଂଗ୍ରେସ ଦଳର ନେତୃବୃନ୍ଦ ଭଲ ଭାବେ ଜାଣିଛି ଏହି ବିଧେୟକ ଆଇନରେ ପରିଣତ ହେଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିବାଦ ହେବ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିବାଦ ବଢିବ । ଏହା ଦ୍ୱାରା ଶୈକ୍ଷଣିକ ବାତାବରଣ ଖରାପ ହେବ । ଏହା ସତ୍ତ୍ୱେ ସେମାନେ ଏହି ବିବାଦୀୟ ବିଲକୁ ପାରିତ କରିବାକୁ ଅଗ୍ରସର ହେଉଛନ୍ତି । କାରଣ ସମାଜରେ କୌଣସି ପ୍ରକାର ଅଶାନ୍ତି ନ ହେଉ ଏହା ଚିନ୍ତା କରିବାକୁ ସେମାନେ ଚାହାନ୍ତି ନାହିଁ । ସେମାନେ ଜାଣନ୍ତି ଯେ ଏହା ଦ୍ୱାରା ଶୈକ୍ଷଣିକ ଅନୁଷ୍ଠାନରେ ଅଶାନ୍ତି ହୋଇ ଯେଉଁ ବିଷ ବାହାରିବ ସେହି ବିଷରୁ ଦଳକୁ ରାଜନୈତିକ ଲାଭ ହେବ । ଏହା ଜରିଆରେ କଂଗ୍ରେସ କ୍ଷମତାକୁ ଫେରି ପାରିବ । ସ୍ୱାଧୀନତା ପୂର୍ବରୁ ବାବା ସାହେବ ଆମ୍ବେଡକରଙ୍କର ବକ୍ତବ୍ୟ ସଠିକ ବୋଲି ପ୍ରମାଣିତ ହୋଇଥିଲା । ଆଜି ଏତେ ବର୍ଷ ପରେ ମଧ୍ୟ ବାବା ସାହେବଙ୍କ ବକ୍ତବ୍ୟ ସଠିକ ବୋଲି ପ୍ରମାଣିତ ହେଉଛି ।

# ଓଡ଼ିଶାର ନାରୀ ସୁରକ୍ଷା ପାଇଁ 'ସ୍ୱୟଂ ସହାୟକ ଗୋଷ୍ଠୀ' ଏକ ବିକଳ୍ପ

**ଡୁଇଟ ଡେଭିଡ ଫିଲିପ**

ଓଡିଶାରେ ବାର ବାର ଘଟୁଥିବା ନାରୀ ନିର୍ଯ୍ୟାତନାକୁ ଓ ସରକାର ମାନଙ୍କୁ ଯେତେ ନିନ୍ଦା କଲେବି, ନିନ୍ଦା ସେତେ କମ ହେବ ସତ, କିନ୍ତୁ ଏସବୁ ଘଟଣା ଗୁଡ଼ିକ ପାଇଁ ଓ ହାତ ଛଡା, ଲଗାମ ବିହିନ ସ୍ଥିତି ପାଇଁ, ସରକାର ମାନେ ଦାୟୀ କାହିଁକି ନହେବେ ? ଯେହେତୁ, ସରକାରଙ୍କ ମାଧ୍ୟମରେ ନାଗରିକଙ୍କୁ ସୁରକ୍ଷା ଦେବା, ରାଷ୍ଟ୍ରର କର୍ତବ୍ୟ ଓ ରାଷ୍ଟ୍ରର ଦାୟିତ୍ୱ ।

ସୁରକ୍ଷା ବ୍ୟବସ୍ଥା ପାଇଁ ଆଇନ, ଅନୁଷ୍ଠାନ ଓ କର୍ମକର୍ତାଙ୍କ ଆବଶ୍ୟକ ରହିଛି । ଓଡ଼ିଶାର ଚ଼ାରି କୋଟି ଜନତା ୫୩୮୪୫ ଗ୍ରାମର, ୬୭୯୪ ପଂଚାୟତ ରେ ରହନ୍ତି । ଛୋଟ ବଡ ସହର ଏଥିରେ ଗଣା ଯାଇ ନାହିଁ । ସୁରକ୍ଷା ଦୁଇ କୋଟି ନାରୀଙ୍କ ପାଇଁ କେତୋଟି ଅନୁଷ୍ଠାନ ଓ କର୍ମକର୍ତାଙ୍କ ମୁତୟନ କଲେ ଯଥେଷ୍ଟ ହେବ ପରିଚ଼ାଳନା ବିଜ୍ଞାନ ତାହା କହିବ । ଏହି ଆଲେଖ୍ୟଟି ଚ଼ାହୁଁଛି, ନାରୀ ନିର୍ଯ୍ୟାତନାର ଏକ ସ୍ଥାୟୀ ପ୍ରତିକାର ।

ଇଣ୍ଡିଆ ଟୁଡେ ଜଣାଏ, ଓଡ଼ିଶରେ ୧୧ ଜାନୁଆରୀ ୨୦୨୪ ରୁ ୩୧ ଜାନୁଆରୀ ୨୦୨୫, ଏଗାର ମାସ ମଧ୍ୟରେ ୨୭୯୭୩ ମହିଳା ଓ ଶିଶୁ ଅନ୍ୟାୟର ଶିକାର ହୋଇଛନ୍ତି । ଏହା ଯଦି ସତ, ଆଇନ ଭାଙ୍ଗିବାରେ ବର୍ତମାନର ପିଢ଼ି ଅତି ଲଗାମ ଛଡା ଓ ଆଇନ ଓ ପ୍ରଶାସନ ଏହାକୁ ଦମନ କରିବାରେ ବିଫଳ । ସମାଜ, ଆଇନ ଓ ପ୍ରଶାସନ ଦୂର୍ବୃତ୍ୟଙ୍କ ଭିତରେ ଭୟ ସୃଷ୍ଟି କରିପାରି ନାହିଁ ।

'ଆମେ ଯେପରି ଦେଖିଛୁ, ଅଧିକାର ହେଉଛି ନଗରିକର ଦାବୀ ସମୂହ, ଯାହାକି ଜଣେ ବ୍ୟକ୍ତି ବଂଚିବା ଓ ଉନ୍ନତି କରିବା ପାଇଁ ନିହାତି ଦରକାର କରେ । ସେହି ଅର୍ଥରେ ଅଧିକାର ଗୁଡ଼ିକର ଏକ ଲମ୍ବା ତାଲିକା ରହିଛି । ଏହି ସମସ୍ତ ଅଧିକାର ସମାଜ ଦ୍ୱାରା ସ୍ୱୀକୃତ, କିନ୍ତୁ କେତେକ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଅଧିକାର ରାଷ୍ଟ୍ରଦ୍ୱାରା ସ୍ୱୀକୃତ ଓ ସମ୍ବିଧାନରେ ଲିପିବଦ୍ଧ ହୋଇଛି । ଏହି ଅଧିକାର ଗୁଡିକକୁ ମୌଳିକ ଅଧିକାର କୁହାଯାଏ । ଏହି ଅଧିକାର ଗୁଡିକ ଦୁଇଟି କାରଣ ପାଇଁ ମୌଳିକ ବୋଲି କୁହାଯାଏ । ପ୍ରଥମତଃ, ଏଗୁଡିକ ସମ୍ବିଧାନରେ ଲିପିବଦ୍ଧ ହୋଇଛି, ଯିଏକି ସେମାନଙ୍କୁ ଏହି ଅଧିକାରର ପ୍ରତିଶୃତି ଦେଉଛି ଲ । ଦ୍ୱିତୀୟତଃ ଏଗୁଡିକ ଆଇନସିଦ୍ଧ ଅର୍ଥାତ ନ୍ୟାୟାଳୟ ଦ୍ୱାରା ବାଧତାମୂଳକ ଅଟେ । "ନ୍ୟାୟ ପାଇବାର ଯୋଗ୍ୟ" ର ଅର୍ଥ ହେଉଛି, ଯଦି କୌଣସି ସ୍ଥଳରେ ଏହାର ବିଚ୍ୟୁତି ଘଟେ, ଜଣେ ବ୍ୟକ୍ତି ତାର ସୁରକ୍ଷା ପାଇଁ ନ୍ୟାୟାଳୟର ଆଶ୍ରୟ ନେଇପାରିବ । ଯଦି ସରକାର ଆଇନ ପ୍ରଣୟନ କରି ଏଥିରୁ କୌଣସି ଅଧିକାରକୁ ସଙ୍କୁଚ଼ିତ କରିଦିଅନ୍ତି, ଏହା ନ୍ୟାୟାଳୟ ଦ୍ୱାରା ଅଯୋଗ୍ୟ ଘୋଷଣା କରାଯାଏ । ଏହି ଅଧିକାର ସମ୍ବିଧାନର ୩ୟ ଭାଗରେ ପ୍ରଦାନ କରାଯାଇଛି ସମ୍ବିଧାନ ନାଗରିକକୁ ଛଅଟି ମୌଳିକ ଅଧିକାର ପ୍ରଦାନ କରିଅଛି । ଯଥା – (କ) ସମାନତାର ଅଧିକାର, (ଖ) ସ୍ୱାଧୀନତାର ଅଧିକାର (ଗ) ଶୋଷଣ ବିରୋଧୀ ଅଧିକାର (ଘ) ଧର୍ମଗତ ସ୍ୱାଧୀନତାର ଅଧିକାର (ଙ) ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର (ଚ଼) ସାମ୍ବିଧାନିକ ପ୍ରତିକାର ଅଧିକାର । ଯଦିଓ ଏହି ଅଧିକାର ଗୁଡିକ ସମସ୍ତଙ୍କ ପାଇଁ ପ୍ରଜୁର୍ଯ୍ୟ, ସମ୍ବିଧାନ କେତେକ ସ୍ୱତନ୍ତ୍ରତା ଓ ସୀମିତତା ରକ୍ଷା କରିଛି ।' (ବିକାଶ ପେଡିଆ) ।

ସ୍ୱାଧୀନତା, ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବିକାଶ କରିବାରେ ସାହାଯ୍ୟକରେ । ରାଜ୍ୟ ଏହା ନାଗରିକ ପାଉ ବୋଲି ପୋଲିସ ଓ ନ୍ୟାୟାଳୟ ମାଧ୍ୟମରେ ନିଶ୍ଚିତ କରେ । ଆଇନ ନିଶ୍ଚିତ କରାଇବା ପାଇଁ ଏକ ଉପାଦାନ । ଆଇନ କିନ୍ତୁ ବ୍ୟବହାର କରି ହେଉନି କିମ୍ବା ଆଇନ ଅପାରାଙ୍ଗମ ଜେଉଁଥି ପାଇଁ ପୀଡ଼ିତା ଓ ପୀଡ଼ିତ ନ୍ୟାୟ ପାଉ ନାହାଁନ୍ତି ଓ ବିକ୍ଷୋଭ ଦେଖିବାକୁ ମିଳୁଛି । ତେବେ ନାରୀ ସୁରକ୍ଷାର ଭୟା ଭୟ ପରିସ୍ଥିତିରେ, ବିରୋଧୀ ଦଳ ସବୁ ହୋହାଲ୍ଲା କରିବା ସ୍ୱଭାବିକ । କିନ୍ତୁ ସରକାର, କ'ଣ ସବୁ ପଦକ୍ଷେପ ନେବା ଉଚ଼ିତ୍, ତାହା ଉପରେ ବିରୋଧୀ ଦଳ ନେତା ମାନେ ସ୍ପଷ୍ଟ କରୁନାହାନ୍ତି । କିଛି ଜଣ କେତେକ ପଦକ୍ଷେପକୁ ଗୁରୁତ୍ୱ ଦେଉଛନ୍ତି । ଯେପରିକି, ମହିଳା କମିଶନ ଗଠନ, ଗୃହ କମିଟି ଗଠନ, ସରକାର, ମନ୍ତ୍ରୀ, ନିର୍ବାଚ଼ିତ ସାଂସଦ ଓ ବିଧାୟକଙ୍କ ଇସ୍ତଫା, ଇତ୍ୟାଦି ।

ସାଧାରଣ ଜନତା ମତା ମତ ଦେଉଛନ୍ତି, ସାମାଜିକ ସଚେତନତା କିମ୍ବା କଠୋର ଦଣ୍ଡ ବିଧାନ, ଯେପରିକି ୨୪ ଘ[। ଭିତରେ ବିଚ଼ାର, ଦୋଷୀକୁ ଦଣ୍ଡ । ହାଇଦ୍ରାବାଦ ସହରରେ ଉସ୍ମାନିଆ ଛାତ୍ରିଙ୍କୁ ନିର୍ଯ୍ୟାତନା ଓ ମର୍ଡର ପାଇଁ ପୋଲିସ ସନ୍ଦିଗ୍ଧ ଯୁବକଙ୍କୁ ପଳାତକ ବାହାନାରେ ଅତ୍ୟାଚ଼ାରୀଙ୍କୁ ଏନକାଉ[ରରେ ଗୁଳି କରି ମାରିଥିଲା । ଏହା ଏକ ଭୟ ଶ୍ରୁଷ୍ଟି କରିବାର ବିରଳ ଉଦାହରଣ ।

ଯେକୌଣସି ପୁରୁଷର ପ୍ରଥମ ଶିକ୍ଷକ ନାରୀ, ସେ ମାଁ । କିନ୍ତୁ ଆମ ସମାଜରେ ମାଁ ର ପାଳନ ପୋଷଣରେ ଭୁଲ ରହି ଯାଉଛି କି ଓ ସେ ପ୍ରାୟ ଉପେକ୍ଷିତ ନୁହେଁ କି ? ଆମ ମାଁ ମାନେ ପୁଅକୁ ସୁଶିକ୍ଷା ଦେଇ ପାରୁନାହାନ୍ତି କି ? ବାପା ମାନେ ନାରୀକୁ ସମ୍ମାନ ଦେବା ଶିଖାଇ ପାରୁନାହାନ୍ତି କି ? ନାରୀ ପରିବାରରେ ଉପେକ୍ଷିତା । ସେ ଏକ ବ୍ୟବହାର୍ଯ୍ୟ ସାମଗ୍ରୀ ବା ଏକ ଉପକରଣ ମାତ୍ର ହୋଇ ରହିଛି । ରାକ୍ଷି ବାନ୍ଧିବା ସଂସ୍କୃତି ଥାଇ ଆମ ଝିଅ ଅସୁରକ୍ଷିତା ।

ବସ ଷ୍ଟାଣ୍ଡରେ ଆଜି ସକାଳୁ ଜୟପୁର ବସ ଧରିବାକୁ ଜଗିବା ସମୟରେ ମୋ ୫୦ ବର୍ଷୀୟା ସ୍ତ୍ରୀ ପ୍ରାୟ ୨୩ ବର୍ଷୀୟା ଗୋଟିଏ ଝିଅର ଜିନ ପ୍ୟା[ ଓ ଟି ସାର୍ଟ ପିନ୍ଧା ଦେଖି କହିଲା, 'ଏମିତି ଭେଶ ପାଇଁ ବି ଝିଅ ମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି' । ଆମର ଯାହାବି ପିନ୍ଧିବାର ଅଧିକାର ଅଛି ପିନ୍ଧି ପାରିବା କିନ୍ତୁ, ଝିଅ ର ନାଭି ଓ ପେଟ ଦିଶୁଥିବା ଓ ଉପର ଭାଗ ସ୍ପଷ୍ଟ ଦେଖା ଜିବା, ମୋ ସ୍ତ୍ରୀଙ୍କୁ ଭଲ ଲାଗିନଥିଲା । ପିନ୍ଧିବା ଉପରେ ଘରେ ଓ ସ୍କୁଲ ରେ ଶିକ୍ଷା ଦେବା ନିତାନ୍ତ ଆବଶ୍ୟକ ଏବଂ ଏହା ପ୍ରତ୍ୟେକ ଗର୍ଭବତୀ ସ୍ତ୍ରୀ କୁ, କିଶୋରୀ ବାଳିକାଙ୍କୁ, ଅଙ୍ଗନୱାଡ଼ି ଓ ସ୍କୁଲ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦେବା, ଶିକ୍ଷା ଖସଡ଼ାରେ ବଧାତା ମୂଳକ ରହିବା ଆବଶ୍ୟକ ।

ବର୍ତମାନ୍ ର ଆଧୁନିକ ବ୍ୟଞ୍ଜନ, ଫାର୍ଷ୍ଟ ଫୁଡ୍, ଖୋଲା ଖୋଲି ନିଶା ସେବନରେ ଛୁଟ ଇତ୍ୟାଦି, ଯୌନ ଉଦ୍ରେକ ବଢ଼ାଏବାରେ ସହାୟତା ପ୍ରଦାନ କରୁଛି ବୋଲି ଅନେକ ମତ ରଖନ୍ତି । ଜଉଁ ମାତ୍ରାରେ ଫାର୍ଷ୍ଟ ଫୁଡ୍ ଦୋକାନ ଗୁଡ଼ିକ ଗ୍ରାମେ ଗ୍ରାମେ ଖୋଲିଲା, ବ୍ରୟେଲର କୁକୁଡ଼ା ଓ ସାର ଦିଆ ଗହମ, ଚ଼ାଉଳ ପନିପରିବା ମିଳିଲା, ଖାଦ୍ୟ ସୁରକ୍ଷା ହୋଇଛି ସତ, ୧୯୪୭ ର ୩୩ କୋଟି ଜନତା ଖାଦ୍ୟ ପାଇଁ ଅଭାବରେ ବିଦେଶକୁ ନିର୍ଭର କରୁଥିଲେ ସତ, କିନ୍ତୁ ବିଗତ ୨୫ ବର୍ଷରୁ ଉର୍ଦ୍ଧ ହେଲାଣି ରସାୟନ ଖତ, ଔଷଧ, ଭେକ୍ସିନ ଇତ୍ୟାଦି ପାଇଁ ତଥା ଖାଦ୍ୟ ଉତ୍ପାଦନ ଓ ଯୋଗାଣର ସମସ୍ୟା ନିବାରଣ ପାଇଁ, କିଛି ବନ୍ୟାଂଚଳକୁ ଓ ସହରଙ୍କୁ ଛାଡ଼ିଲେ, ଖାଦ୍ୟ ଅସୁରକ୍ଷା ୧୪୦ କୋଟି ଜନସଂଖ୍ୟା ପାଇଁ ପ୍ରାୟ ହୋଇ ସାରିଛି । କିନ୍ତୁ ପରୋକ୍ଷରେ ବିଷାକ୍ତ ରସାୟନ ଖତ, ଔଷଧ, ଭେକ୍ସିନ ଘରେ ଘରେ ପ୍ରତ୍ୟେକ ଶରୀରକୁ ପଶିଯାଇଛି ।

ତେବେ କହିବା କଥା, ସାର, ଔଷଧ, ଏବଂ ଖାଦ୍ୟ ଓ ଆଧୁନିକ ପାନୀୟ ରେ ବୟଙ୍କକ୍ଷସ୍ପବକ୍ସବସ୍ପସକ୍ଟଭ ବା ମିଲାବଟ, ପର୍ଯ୍ୟାପ୍ତ ଯୌନ ଉଦ୍ରେକ ସୃଷ୍ଟି କରୁ ନାହିତ ?

ସହର ମାନଙ୍କରେ ଡାନ୍ସ ବାର, ଥିଏଟର, କ୍ଲବ ମାନଙ୍କରେ କାହିଁକି ଆଜି ଫ୍ରିଜ୍ ରେ ମଦ ରଖି କିଛି କିଛି ପରିବାର ମାନଙ୍କରେ ସପରିବାର ପାନ କରି ନାଚୁଛନ୍ତି ।

ମଲ୍ଟୀ ପ୍ଲେକ୍ସ, ମଲ ଓ ଲୁଗା ଦୋକାନର ଉଦ୍ରେକ ଭରା ପୋଷ୍ଟର ଓ ସିନେମା ପୋଷ୍ଟର, ଯୁବା କାହିଁକି ବୃଦ୍ଧା ଓ ବୃଦ୍ଧଙ୍କ ଶରୀରରେବି ଯୌନ ଉଦ୍ରେକ ରାସ୍ତା ଉପରେ ସୃଷ୍ଟି କରୁଛି । ଗାଁ ଗାଁ କୁ ଅନେକ ଔଷଧ ଦୋକାନ ଖୋଲି ଲାଣି । ସେହି ଦୋକାନ ମାନଙ୍କରେ ନଗ୍ନ ଚ଼ିତ୍ରର କଣ୍ଡୋମ୍ ଡବା ସବୁଠୁ ଆଗରେ ସଯା ହୋଇ ରଖା ହୋଇ, ସବୁ ପ୍ରକାର ଗ୍ରାହାକର ଆଖିକୁ ଅନାବଶ୍ୟକ ଭାବରେ ଆକର୍ଷିତ କରି ଦୋକାନରୁ ସମାଜକୁ ଓ ଘରକୁ ପ୍ରେରିତ କରୁଛି ।

ଭ୍ରୁଣ ହତ୍ୟା, ଅନିଚ଼୍ଛା ଗର୍ଭ ଧାରଣ, ବିବାହ ବହିର୍ଭୂତ ସମ୍ପର୍କ, ବିବାହ ପୂର୍ବରୁ ଯୌନ ଅନୁଭୂତି, କଣ୍ଡୋମ୍, ନିଶା ସେବନ, ଇତ୍ୟାଦି ଶବ୍ଦ, ଆଜିର ସମାଜରେ ସାମାନ୍ୟ ହୋଇ ସାରିଛି । ଏସବୁର କାରଣ ଓ ପ୍ରଭାବ ହେଉଛି, ଯୌନ ନିର୍ଯ୍ୟାତନା, ନାରୀ ଉତ୍ପିଡ଼ନ, ହତ୍ୟା ଇତ୍ୟାଦି ।

ଆଗେ ନିଜ ଗ୍ରାମ ଓ ନିଜ ସହରରେ ହୋଟେଲ ଖିଆ ଲାଜ ଲାଗୁଥିଲା, ଆଜି କିନ୍ତୁ ଆୟ ଏତେ ବୃଦ୍ଧି ହେଲାଣି ଓ ସମୟ ଏତେ କମ ମିଳୁଛିଯେ ଅନେକେ ଜଳ ଖିଆଠୁ ଆରମ୍ଭ କରି ରାତିର ଡିନର ବା ରାତ୍ର ଭୋଜନ ବି ହୋଟେଲରୁ ଆଣି ଖାଉଛନ୍ତି । ସେଥିର ଦେଶୀ ବିଦେଶୀ ମସଲା, ତେଲ, ପ୍ରସ୍ତୁତି ପ୍ରଣାଳୀ ସନ୍ଦେହ ଜନକ ।

ରୋଗକୁ ରୋଗ, ତା ସାଙ୍ଗକୁ ଯୌନ ଉଦ୍ରେକ ସୃଷ୍ଟି କରୁଛି ବୋଲି ଅନୁମାନ କରାଯାଏ । ଛୋଟ ଝିଅ ଆଠ, ନଅ ବର୍ଷରୁ ରତୁ ଶ୍ରାବର ସମ୍ମୁଖୀନ ହେବାଟା, ଦେଖିବାକୁ ମିଳୁଛି । ପୁଅ ପିଲା ସେହି ବୟସରେ ଗାର୍ଲ୍ ଫ୍ରେଣ୍ଡ୍ ଖୋଜୁଛନ୍ତି । ପିତା ମାତାବି ଉତ୍ସାହିତ କରୁଛନ୍ତି । ଜନ୍ମ ଦିନ ପାଳନ ଦୃଶ୍ୟ, ପ୍ରିୱେଡିଂ ଦୃଶ୍ୟ ଗୁଡ଼ିକ ଏହା ସ୍ପଷ୍ଟ କରୁଛି ।

ତାଉପରେ ଯୌନ ଉଦ୍ରେକ ଔଷଧବି ଆଜି ବଜାରରେ ଯଥେଷ୍ଟ ମିଳୁଛି । ବିକ୍ରୀ କରିବା ଉପରେ କିଛି ଲଗାମ ଓ ଆଇନ ଅଛି କି ନାହିଁ କହି ହେବନି । ପାରିବାରିକ ଅଭାବ ଯୋଗୁ ପୁଅ ଓ ଝିଅ, ଅନ୍ୟ ସହରକୁ ଯାଇ ଅଳ୍ପ ବୟସରୁ ଉପାର୍ଜନ କ୍ଷମ ହେଉଛନ୍ତି । ଅଳ୍ପ ବୟସରୁ ଏକୁଟିଆ ରହି, ଉପାର୍ଜନ କ୍ଷମ ହେବା, ସ୍ୱାଧୀନ ଅନୁଭବ କରି ବିଳାସ ପ୍ରେମୀ ମାଲିକଙ୍କୁ ଅନୁସରଣ କରି ବଂଚୁଛନ୍ତି । କର୍ପୋରେଟ ସଂସ୍କୃତି (ପାର୍ଟି କଲଚ଼ର) ରେ ପଶି ଅନେକ ଯୁବା ଯୁବତୀ, ମଦ ଓ ମଦ୍ୟପିଙ୍କ ଅଭ୍ୟାସ ଗୁଡିକକୁ ହାତଉଛନ୍ତି । ସି.ଇ.ଓ ଓ ସଂସ୍ଥା ମାନଙ୍କର ମୁଖ୍ୟ କାର୍ଯ୍ୟ ଭାର ହାଲୁକା କରିବା ପାଇଁ ମଦ ଓ ଅସ୍ୱାଭାବିକ ସମ୍ପର୍କକୁ ପ୍ରୋତ୍ସାହିତ କରୁଛନ୍ତି । କର୍ମଚ଼ାରୀ ଓ ନୂଆ ପିଢ଼ି ଏହାକୁ ପ୍ରଗତିର ଚ଼ିହ୍ନ ଓ ଆଦର୍ଶ ଭାବି ବଂଚୁଛନ୍ତି । ଅନେକ୍ ଛାତ୍ର ଛାତ୍ରୀ, ଉଚ଼୍ଚ଼ ଶିକ୍ଷା ଓ ଭଲ ସିକ୍ଷା ପାଇଁ ଦୂରକୁ ଜାଇ, ଭୁଲ ଶିକ୍ଷକ ଓ ଶିକ୍ଷୟତ୍ରୀ ବା ଫାକଲ୍ଟୀଙ୍କ ବଡବଡିଆ ଅଭ୍ୟାସର ଶିକାର ହେଉଛନ୍ତି । ଭୁବନେଶ୍ୱର ଯାଇ ୧୯୯୫ ରେ ଏକ ହାଇ ଫାଇ ଅନୁଷ୍ଠାନରେ ପଢ଼ି ଏପ୍ରକା ବିଷୟ ଗୁଡ଼ିକ ସେ ସମୟରୁ ଦେଖିବାକୁ ମିଳିଥିଲା । ଶିକ୍ଷା ଅନୁଷ୍ଠାନ କୁ ଯାଇ ପିଲା ମଦ୍ୟପ ଓ ବ୍ୟଭିଚ଼ାରର ଶିକାର ହେବା ସେବେଠୁ ଦେଖିବାକୁ ମିଳିଛି ।

ଜଉନ ନିର୍ଯ୍ୟାତନା, ସହରରେ ପାଠୁଆ ଓ ଧନୀ ମାନଙ୍କ ମଧ୍ୟରେ ହେଲେ, ହୁଆ ହଟ୍ଟା ହେଉଛି ଓ ଲୋକ ଲୋଚ଼ନକୁ ଆସୁଛି । କିନ୍ତୁ କୋର୍ଟ କଚେରୀରେ ଏହା ନିତିଦିନିଆ ଉଦାହରଣ । ଭିନ୍ନକ୍ଷମ, ଦରିଦ୍ର, ଗରିବ, ଅପାଠୁଆଙ୍କ ଯୌନ ନିର୍ଯ୍ୟାତନା ଗୁଡ଼ିକ ଲୋକ ଲୋଚ଼ନକୁ ଆସୁ ନାହିଁ ।

ଭାରତରେ, ବୃଦ୍ଧା ଓ ଶିଶୁ ମାନଙ୍କ ପ୍ରତି ଯୌନ ଉତ୍ପୀଡନବି ଏକ ବ୍ୟାପକ ସମସ୍ୟା । ଏହି ଦୁଇ ଗୋଷ୍ଠୀ ପ୍ରାୟ, ଅଭିଯୋଗ କରନ୍ତି ନାହିଁ, କାରଣ ସେମାନଙ୍କ ଠାରେ ଅଭିଯୋଗ ସମ୍ବନ୍ଧୀୟ ସୂଚ଼ନା ଓ ଯାତାୟାତ ପାଇଁ ସକ୍ଷମତା ନଥାଏ ।

ଉପରୋକ୍ତ ଆଲୋଚ଼ନା ଗୁଡିକରୁ ଏହା ଜଣା ପଡୁଛି, ଯୌନ ନିର୍ଯାତନା ଉପରେ କ୍ତ୍ସ୍ୱର-ଙ୍ଗରଭସ୍ପସଙ୍ଗର ଓ କ୍ତଙ୍କସ୍ୱବସ୍ପସଙ୍ଗର ଉଭୟ ନିବାରଣତ୍ମକ ଓ ଦୂରୀକରଣ ବା ଚ଼ିକିଶାତ୍ମକ ପଦକ୍ଷେପ ନେବାକୁ ପଡିବ ।

ସରକାର ଉଭୟ ପ୍ରତିକାର ରଣ ନୀତି ପାଇଁ ଗାଁ ଠୁ ଆରମ୍ଭ କରି ସାଂସଦ ଯାଏଁ, ସଭା ସମିତି ଆୟୋଜନ କରି ଜନ ମତ ସଂଗ୍ରହ କରି, ପଦକ୍ଷେପ ନେବା ଉଚ଼ିତ୍ ।

? ଭୟ ସୃଷ୍ଟି କରିବା ପାଇଁ ଆଇନ ପ୍ରଣୟନ କରାଯାଇ ପରେ କିନ୍ତୁ ଅନୁଷ୍ଠାନ, ବ୍ୟବସ୍ଥା ଓ ଦାୟିତ୍ୱ ଗ୍ରାମ୍ୟ ସ୍ତରରୁ ଆରମ୍ଭ କରି ବଜାର, ଅଫିସ, ସାଂସଦ ଓ ବନ୍ଦ କୋଠରୀ ରି ଠୁ ଆରମ୍ଭ କରି ମଲ୍ ଓ ଷ୍ଟାଡିୟମ ଯାଏଁ ପୋଲିସିଂ ବ୍ୟବସ୍ଥା ଓ ଅଧିକାରୀ ମୁତୟନ କରିବା ଉଚ଼ିତ୍ । ଏହା ବେତନ ଦେଇ କରିବା ସମ୍ଭବ ଜଣା ପଡୁ ନାହିଁ ।

ଏଇଥି ପାଇଁ, ଛତିଶଗଡର ନିଶା ନିବାରଣ ରେ ମହିଳା କମାଣ୍ଡୋଙ୍କ ଉଦାହରଣ ମନେ ପଡେ । ପରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ମହିଳା କମାଣ୍ଡୋ ଘୋଷଣା କରି ସେମାନଙ୍କୁ ରାତିରେ ଓ ଦିନରେ ନିଶା ନିବାରଣ, ନାରୀ ନିର୍ଯ୍ୟତାନା, ପ୍ରତିରୋଧ କରିବା ପାଇଁ, ଏକ ସ୍ୱେଚ଼୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ନାଲି ଟୋପି, ୱିସିଲ ଓ ଠେଙ୍ଗା ଦିଆଯାଇଛି । ଏମାନେ ମଦ୍ୟପଙ୍କୁ ଓ ନାରୀ ନିର୍ଯ୍ୟାତନା କରୀଙ୍କୁ ମିଳିତ ଭାବରେ ଦମନ୍ କରନ୍ତି ଓ ପୋଲିସକୁ ରିପୋର୍ଟ ଦିଅନ୍ତି । ପରେ ପୋଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରନ୍ତି । ସେମାନେ ଗ୍ରାମରେ ତଳସ୍ତରୀୟ ସୂଚ଼ନା ସଂଗ୍ରହକରି ଓ ପୋଲିସଙ୍କୁ ଅବିଳମ୍ବେ ସୂଚ଼ନା ପ୍ରଦାନ କରନ୍ତି । ଆବଶ୍ୟକ ସ୍ଥଳେ ଘାଟନା ସ୍ଥାନରେ ପହଂଚି ୱିଶିଲ ବଜାଇ ଏକଜୁଟ ହୋଇ ମହିଳା ନିର୍ଯ୍ୟାତନାକୁ ପ୍ରତିରୋଧ କରନ୍ତି । ଏହି କାର୍ଯ୍ୟକୁ ସମ୍ମାନ ଦେଇ ଭାରତ ସରକାର ଗୁଣ୍ଡର୍ହେ, ଦୁର୍ଗ, ଛତିଶଗଡ଼ର ଶ୍ରୀମତୀ ସମଶାଦ୍ ବେଗମ୍ ଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି ।

ଓଡ଼ିଶାର ମିଶନଶକ୍ତି ମାଧ୍ୟମରେ ଗ୍ରାମେ ଗ୍ରାମେ ସ୍ୱୟଂ ସହାୟକ ଗୋଷ୍ଟିଙ୍କୁ ସହାୟତା ପ୍ରଦାନ କରା ଯାଉଅଛି । ଏହି ମିଶନ, ମହିଳାଙ୍କୁ ଆତ୍ମ ନିର୍ଭର କରିବା ପାଇଁ ଅନେକ ତାଲିମ ଦେଇ ସାରିଲାଣି । ଏବେ ନାରୀ ସୁରକ୍ଷା ଉପରେ, କିଛି ଆଇନ ବ୍ୟବସ୍ଥା ଉପରେ, ଯେପରିକି ପୋଲିସ କାମ, ଯେପରିକି ସନ୍ଦିଗ୍ଧଙ୍କ ଉପରେ ସୂଚ଼ନା ସଂଗ୍ରହ, ପୋଲିସକୁ ସୂଚ଼ନା ବିତରଣ ଓ ଜରୁରି କାଳୀନ ଅବସ୍ଥାରେ ଠେଙ୍ଗା ଦେଖାଇ ଦମନ କରିବା ଇତ୍ୟାଦି ଅଧିକାର ଗୁଡ଼ିକ ଦେବା ଉଚ଼ିତ୍ ।

ଆତ୍ମ ସୁରକ୍ଷା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କୁ ଆଇନ ଦେଇଛି । କିନ୍ତୁ ଆମ ଦେଶରେ ମହିଳା ଏହାର ସତବିନିଯୋଗ କରି ପାରୁ ନାହିଁ ଓ ମହିଳାଙ୍କ ପାଇଁ ପୋଲିଶିଂ ବ୍ୟବସ୍ଥା ନାହିଁ । ମହିଳା ଥାନା ସବୁଜଗରେ କରିହେବ ନାହିଁ । କିନ୍ତୁ ପ୍ରତ୍ୟକ୍ ସ୍ୱୟଂ ସହାୟକ ଗୋଷ୍ଟି ଆଙ୍ଗସିକ ଭାବର ଏହି ଦାୟିତ୍ୱ ନେଇ ପାରିବେ । ମହିଳାଙ୍କୁ ଗୋଷ୍ଟି ଗତ ଭାବରେ ନିଜର ଓ ଅନ୍ୟ ମହିଳାଙ୍କର ଆଇନ ଗତ ସୁରକ୍ଷାର ଅଧିକାର ଦେବା ଅତି ଆବଶ୍ୟକ ହୋଇ ସାରିଛି ।

ସହରରେ, ବଜାରରେ ପ୍ରତ୍ୟେକ ୫୦ ରୁ ୧୦୦ ପରିବାର ମଧ୍ୟରେ ବା ଗାଁ କୁ ଗୋଟିଏ ଦଳକୁ ଦାୟିତ୍ୱ ଦେଲେ, ସଚେତନତାବି ବଢିବ, ଦୂର୍ବୃ□ଙ୍କ ଭିତରେ ଭୟ ସୃଷ୍ଟି ହେବ, ସୂଚ଼ନା ଆଦାନ ଓ ପ୍ରଦାନ ବି ସହଜରେ କରି ହେବ ।

ସୋସିଆଲ ମିଡ଼ିଆ, ଯୌନ ଉଦ୍ରେକରେ କିଛି କମ କାରଣ ହୋଇକି ରହିନାହିଁ । ଏହାର ଦମନ ପାଇଁ ମଧ୍ୟ ସରକାର ସ୍କନର, ସେନ୍ସର୍ ଓ ତଦାରଖ ର ମାଧ୍ୟମ ଗୁଡ଼ିକ ଆପଣାଇବାକୁ ପଡିବ ।

ସର୍ବୋପରି, ବୟସ ପୁର୍ବରୁ ମା ଓ ବାପା ହେବା, ଶିକ୍ଷକ ଓ ଶିକ୍ଷୟତ୍ରୀ ଆଇନକୁ ଭୟ ନକରିବା, ଶିକ୍ଷା ପ୍ରାପ୍ତ ଅଧିକାରୀ କଠୋର ଆଇନ ଓ କାର୍ଯ୍ୟ ଶିଳ ଆଇନ ଦ୍ୱାରା ଆୟତରେ ନ ଆସିବା ଯଦି ଲାଗିରହେ, ତେବେ, ଅସାମାଜିକ ଯୌନ ଉତ୍ପୀଡନ, ଏହି ଦେଶରେ ଓ ବିଶେଷ କରି ଓଡ଼ିଶାରେ ଯୌନ ଉତ୍ପିଡନ ଓ ଯୌନ ଜନିତ ହତ୍ୟାକୁ କାବୁ କରି ହେବ ନହିଁ ।

*ଓକିଲ ଓ ସମାଜ ସେବକ,*
*ଭବାନୀପାଟଣା,*
*କଳାହାଣ୍ଡି, ୯୪୩୭୧୦୪୩୦୩,*

# ସାହିତ୍ୟ ଦର୍ପଣ



## ଅବାଞ୍ଛିତ ଅତିଥି -୨



ସୁଦର୍ଶନ ମହାପାତ୍ର

ମୁଁ ଯେ ଅଫିସ ଭିତରେ ଆନମନା ରହୁଥିଲି ଏବଂ କାମରେ ଆନ୍ତରିକତାର ଅଭାବ ଥିଲା ମୋର ସହକର୍ମୀ ମାନେ ଅନୁଭବ କରିଥିଲେ । ଜଣେ ଦୁଇ ଜଣ ଆସି ମୋତେ କ'ଣ ହୋଇଛି ବୋଲି ପଚାରି ସାରିଥିଲେ। 'ନା , ସେମିତି କିଛି ନୁହେଁ' ମୋର ଉତ୍ତର ସେମାନଙ୍କୁ ବୋଧହୁଏ ସନ୍ତୁଷ୍ଟ କରିପାରିନଥିଲା।

' ମହାପାତ୍ର ବାବୁ ଆଜି ସକାଳୁ ପତ୍ନୀଙ୍କ ଠାରୁ ପେଟେଣ୍ଟ ମେଡିସିନ ଖାଇ ଆସିଛନ୍ତି ' ବୋଲି କାହାର ଆକ୍ଷେପ ମୋତେ କିନ୍ତୁ ବିଚଳିତ କରିନଥିଲା। ମୁଁ ବାରମ୍ବାର ମୋ ଭାବନାରେ ଫେରି ଯାଉଥିଲି ଘରେ ଥିବା ସେଇ ଅବାଞ୍ଛିତ ଅତିଥିଙ୍କ ପାଖକୁ।

ଅସଲରେ ମୁଁ ଆମ ଘର ଭିତରକୁ ମୂଷାର ସମ୍ଭାବ୍ୟ ଆଗମନର ରାସ୍ତା କେଉଁଟା ହୋଇଥିବ ବୋଲି ଖୋଜୁଥିଲି ।ଉପର ମହଲା ଘରକୁ କେଉଁ ବାଟେ ସେଇଟା ଆସିଥିବ ?ପାଣି ପାଇପ୍ ଚଢି ଅଥବା ମଳ ନିଷ୍କାସନ ପାଇପ୍ ବାଟେ ?ଯଦିବା ସେଇ ରାସ୍ତାରେ ଚଢିଥିବ ଘର ଭିତରକୁ ତ ଆସିବା ସମ୍ଭବ ନୁହେଁ। ପୁଣି ଐଶାନ୍ୟ କୋଣରେ ଥିବା ଠାକୁର ଘରକୁ କୌଣସି ପାଇପ୍ କଲେକ୍ସନ ନାହିଁ..!

ହଠାତ୍ ମନକୁ ଆସିଲା ପଡୋଶୀ କାଳିଆ ବିଶୋଇ ଘର ଛାତ କଥା ।ତା ଉପରେ ରାଗ ଚହଟିଲା ।ଛାତଟାକୁ ସେ ଦୁନିଆ ଅଳିଆ କରି ରଖିଛି । ଯାବତୀୟ ଗଛ ଲଗାଇବା ସାଙ୍ଗକୁ ଛାତର ଯତ୍ନ ନେବାରେ ନାହିଁ ।ତାରି ଭିତରେ କେଉଁଠି ମୂଷା ଥିବେ ଏବଂ ସେଇଠୁ ଗୋଟିଏ ଖାଦ୍ୟ ଅନ୍ୱେଷଣରେ ଆମେ ଘରେ ଅତିଥି ସାଜିଛି ନିଶ୍ଚୟ।

ହେଲେ ସେ ଛାତରୁ ଏ ଛାତକୁ ମୂଷା କ'ଣ ମାଙ୍କଡ଼ ହୋଇ ଡେଇଁ ଆସିଲା ? ମନରେ ସେଇ ମୂଷାକୁ ନେଇ ଚିନ୍ତା ବଳବତ୍ତର ଥାଇ ଅଫିସ ସମୟ କାଟିଲି।

ସନ୍ଧ୍ୟାରେ ଘରକୁ ଫେରିବା ବାଟରେ ମୂଷାଟାକୁ କେମିତି ଉପଯୁକ୍ତ ଦଣ୍ଡ ଦେଇହେବ ସେଇ ବିଷୟରେ ଭାବିଲି ।ଯନ୍ତା ଟା କେଉଁଠି ଅଛି ଖୋଜି ବସେଇଲେ ଠିକ୍ ହେବ କିମ୍ବା ବିଷ ମିଶାଇ ଚୁଡ଼ା ଲଡୁ ତିଆରି କରି ଥୋଇଲେ ଭଲ ହେବ କିମ୍ବା ଠାକୁର ଘରୁ ସବୁ ଜିନିଷ ବାହାରି କରି ସେଇଟାକୁ ଖତମ କଲେ ମନ ଶାନ୍ତ ହେବ ଭାବିବାରେ ଲାଗିଲି।

ଘରେ ପହଞ୍ଚୁ ପହଞ୍ଚୁ ପତ୍ନୀ ଙ୍କ ଉଲ୍ଲସିତ ମନୋଭାବ ଦେଖି ମୋତେ ତାଜୁବ ଲାଗିଲା। ମୂଷା ଚିନ୍ତାରେ ମୁଁ ଘାରି ହେଉଥିବା ବେଳେ ଇଏ ଏମିତି କେମିତି ଖୁସିରେ ଅଛନ୍ତି ? ଧୁଆଧୋଇ ହୋଇ ଆସିଲା ବେଳକୁ ସହାସ୍ୟ ବଦନରେ ଚା'କପ୍ ଟିଏ ମୋ ହାତକୁ ବଢାଇ ଦେଲେ ପତ୍ନୀ।

-' ମୂଷା ଟା ଆପେ ପଳେଇଲା ନା ମାରିଦେଲ ?' ସ୍ଥିତି ପରଖି ପଚାରିଲି।

-' ନା ମ, ସେଇଟା ସେତିକି ବେଳୁ ଠାକୁର ଘର ଭିତରେ ଅଛି ।ସଞ୍ଜ ଦୀପ ମୁଁ ଦେଇ ଆସିଲି। କୁଆଡେ ଲୁଚିଛି କେଜାଣି ?ଦେଖିବା କାଲି ସକାଳକୁ।କବାଟ ପୁଣି ବନ୍ଦ କରି ଦେଇଛି।' କହିଲେ ପତ୍ନୀ।

ମୋ ଉଦବିଗ୍ନତା ଶେଷ ହୋଇନାହିଁ ଏବଂ ସେ ପରିପ୍ରେକ୍ଷୀରେ ଆଉ କିଛି ପଚାରିବାର ନଥିଲା ତ ଚୁପ୍ ରହିଲି।

-' ଶୀଘ୍ର ଶୀଘ୍ର ବାହାରି ପଡ। ମୋ ସାଙ୍ଗ ନୟନା ଝିଅର ପରା ଆଜି ବାହାଘର। ତୁମକୁ ଏତେ କରି କହିଯାଇଥିଲା ଅଥଚ ତୁମର ମନେ ନାହିଁ !ତା ପାଖରେ କିଛି ସମୟ ନକଟେଇଲେ ସେ ନିଶ୍ଚୟ ମନଦୁଃଖ କରିବ। ମୁଁ ଶାଢ଼ୀ ପିନ୍ଧୁଛି ତୁମେ ବି ରେଡି ହୁଅ।' ସହାସ୍ୟ ବଦନରେ ପତ୍ନୀ କହିଲେ ତ ତାଙ୍କ କଥା ଯଥାଶୀଘ୍ର ରଖିବାକୁ ଉଚିତ୍ ମଣିଲି। ଘରକୁ ଫେରିଲା ବେଳକୁ ପ୍ରାୟ ରାତି ବାରଟା।

ସକାଳକୁ ନିଦ ଭାଙ୍ଗିଲା ପତ୍ନୀଙ୍କ ଡାକରେ। ସେଇ ଠାକୁର ଘର ପାଖରୁ ସେ ଡାକୁଥିଲେ ତ ଭାବିଲି କିଛି ଅନର୍ଥ କରିଛି ସେଇ ବଦମାସ୍ ମୂଷା ।କ୍ଷିପ୍ର ପଦପାତରେ ପହଞ୍ଚିଲି ସେଇଠି।

ଠାକୁର ଘର ଜାଉଁଳି କବାଟର ତଳ ଅଂଶରେ କଣାଟିଏ ଏବଂ କାଠଗୁଣ୍ଡି ସବୁ ପଡ଼ିଥିବାର ଦେଖିଲି ସେଇଠି ।ଆଉ କିଛି ବୁଝିବାରେ ବାକି ନଥିଲା। ଆମେ ଗତକାଲି ରାତିରେ ଯେଉଁ ଚାରି ପାଞ୍ଚ ଘଣ୍ଟା ବାହାରେ ରହିଥିଲୁ ତାରି ଭିତରେ ଏ କାମ ହୋଇଛି। ରାତି ବାରଟା ପରେ ଏ କାମ ହୋଇଥିଲେ ନିଶ୍ଚୟ ଶବ୍ଦ ହୋଇଥାନ୍ତା। ପତ୍ନୀଙ୍କ ମୁହଁ ଅସମ୍ଭବ ଭାବରେ ଫିକା ପଡି ଯାଇଥିଲା।

-' ସବୁ ମୋର ଦୋଷ। ବାହାଘର ସା ?ହିରେ ଏତେ ସମୟ ରହିବାର ନଥିଲା।' ପତ୍ନୀଙ୍କ କଥାରେ ମୁଁ ଯଦିଓ ଏକମତ ଥିଲି କିଛି ମତ ରଖିନଥିଲି। ଯାହା ହେଉ ସେଇଟା ବାହାରି ଯାଇଛି ବୋଲି ଭାବି ନିଜ ମନକୁ ବୁଝାଇବାକୁ ଚେଷ୍ଟା କଲି ଏବଂ ସେଇ ଅନୁସାରେ ପତ୍ନୀଙ୍କୁ ବୁଝାଇଲି।

-' ଯଦି ସେଇଟା ଆଉ କେଉଁ ରୁମରେ ପଶିଥିବ ?' ପତ୍ନୀଙ୍କ ଶଙ୍କାକୁଳ ସ୍ୱରରେ ମୁଁ ବି ଆତଙ୍କିତ ହୋଇ ପଡିଲି। ନିଜ ମନୋଭାବକୁ ଲୁଚାଇ ପତ୍ନୀଙ୍କୁ ପ୍ରବୋଧନା ଦେବା ଛଡା ଆଉ କିଛି ଗତି ନଥିଲା। 'ଧୈର୍ଯ୍ୟ ଧର' ବୋଲି ଦାର୍ଶନିକ ତତ୍ତ୍ୱ ବାଢିଲେ ବି ତାଙ୍କ ମୁହଁରୁ ବିକଳ ଭାବ କଟୁନଥିଲା।

ପରଦିନ ସକାଳକୁ ଆଉ ଗୋଟିଏ ଆଶ୍ଚର୍ଯ୍ୟ ଆମ ପାଇଁ ଅପେକ୍ଷା କରୁଥିଲା। ଠାକୁର ଘର ଭିତରେ ସମାନ ଅବସ୍ଥା ଦୃଶ୍ୟ ହୋଇଥିଲା। ଅର୍ଥାତ୍ ଫୁଲ ମାନଙ୍କର ରୂପ ଆଗ ଭଳି ଦୟନୀୟ ଥିଲା। ମୂଷା ମହାଶୟ ଠାକୁର ଘରେ ତଥାପି ନିଜର ଆସ୍ଥାନ ଜମାଇ ରହିଛନ୍ତି ବୋଲି ସ୍ଥିର ନିଶ୍ଚିତ ହେଲି। ମନେ ମନେ କହିଲି 'ଧନ୍ୟ ତୁମେ ଗଣେଶ ବାହାନ ।ତୁମର ପ୍ରଭୁ ବୁଦ୍ଧି ଆଉ ଜ୍ଞାନ ବଳରେ ପୃଥିବୀ ଜୟ କରନ୍ତି ।ଆଉ ତୁମେ ମଧ୍ୟ ପୃଥିବୀ ଜୟ କରିଛ। ଧନ୍ୟ ଧୂର୍ତ୍ତ। ଜ୍ଞାନର ଗନ୍ତାଘର ତୁମେ ଏକା..!'

ଗାଧୁଆ ସରିବାପରେ ଠାକୁର ପୂଜା କରିବା ପରିବର୍ତ୍ତ ? ମୁଁ ମୂଷା କୁ ନିପାତ କରିବାକୁ ମସୁଧା କଲି। ଖୋଜି ପାଇଲି ଘର କାମରେ ଲାଗି ବଳି ପଡିଥିବା ଓରିପ୍ଲାଷ୍ଟର ଖଣ୍ଡେ ପାଣି ପାଇପ୍। ପୁରୁଣା ହେଲେ ବି ଖୁବ୍ ଶକ୍ତ ଅଛି ବୋଲି ପରଖି ନେଲି।

ସେଇ ପାଇପ୍ ରେ ଏପଟ ସେପଟ କରି ଠୁକାଇଲି। ଠାକୁର ବିମାନର ତଳ ପଟକୁ ଟର୍ଚ୍ଚ ମାରି ହାମୁଡ଼େଇ ଦେଖିଲି ।ତନ୍ନ ତନ୍ନ କରି ଖୋଜିଲା ଭିତରେ ବିମାନ ଉପର ପଟରୁ ଖସ ଖସ ଶବ୍ଦ ଶୁଭିଲା। କିଛି ବୁଝିବା ପୂର୍ବରୁ ହଠାତ୍ ବିମାନ ପାଖରେ ଥିବା ଥାକ ଉପରୁ ପିତ୍ତଳ ଘଣ୍ଟିଟି ଖସି ତଳେ ଥିବା ଦୀପ ଉପରେ ପଡିଲା । ପଥର ଦୀପଟି ହେଲା ଖଣ୍ଡ ଖଣ୍ଡ। ଉପରକୁ ଚାହିଁ ଦେଖିଲି ସେଇଠି ଉଭା ମୋ ଶତ୍ରୁ। ଚଟାପଟ୍ ଉଠି ପଡିଲି ପାଇପ୍ ଟା ଧରି। ଏବେ ମୋ ନିଶାଣରେ ଶତ୍ରୁ। ମୃତ୍ୟୁ ସୁନିଶ୍ଚିତ। ମୁଁ ମୋ ପାଇପ୍ ଅସ୍ତ୍ର ଉଠାଇବା ସଙ୍ଗେ ସଙ୍ଗେ ଖପ କରି ସିଏ ଡିଆଁ ମାରିଲା ବିମାନ ପଛକୁ। ପୁଣି ମୁଁ ହାମୁଡ଼େଇ ପଡିଲି ତଳେ ଏବଂ ଚଟାଣରେ ଅସ୍ତ୍ରାଘାତ କଲି ବାରମ୍ବାର। ଉଦ୍ଦେଶ୍ୟ ଶତ୍ରୁ କୁ ଭୟଭୀତ କରିବା।

-' ହେଇ ସେଇଟା ଉପରେ, ହନୁମାନଙ୍କ ଫଟୋ ପାଖରେ ।ଆରେ, ଏପଟସେପଟ ଦେଖୁଛ କ'ଣ ?' ଧିରେ କହିଲେ ପତ୍ନୀ।

ସେଇ ଆଡକୁ ଅସ୍ତ୍ର କୁ ମୋର ନେଲା ବେଳକୁ ଶତ୍ରୁ ମୋତେ ଚକମା ଦେଇ ପୁଣି ଚଢ଼ିଗଲା ସେଇ ଥାକ ଉପରକୁ।

ସତ୍ୟାନାଶ..! ସେଇ ଥାକରେ ଥିବା ଘିଅ ବୋତଲ ତଳେ ପଡି ଚୁରମାର ।ମୋ ରାଗ ପଞ୍ଚମକୁ ଉଠିଗଲା ।ଶିଃ... !

-' ହେ, ଠାକୁର ଘରେ ଅଛ। ଅଭାଷା କୁହ ନାହିଁ। ଧୈର୍ଯ୍ୟ ଧର। ନହେଲେ ବିଷ ଲଡୁ କିମ୍ବା ଯନ୍ତା ବସେଇବା।' ଏଥର ମୋତେ ବୁଝେଇ ଆଶ୍ୱାସନା ଦେବାକୁ ଚେଷ୍ଟା କଲେ ପତ୍ନୀ।

ମୁଁ ଆଉ କିଛି ଶୁଣିବା ଅବସ୍ଥାରେ ନଥିଲି। ତା'ର ଆଉ ନିସ୍ତାର ନାହିଁ ଭାବିଲା ବେଳକୁ ସୁଯୋଗ ମୋ ହାତରେ। ବିମାନର ତଳ ଥାକର ଗୋଟିଏ କୋଣକୁ ଜାକିଜୁକି ହୋଇ ମୂଷାଟି ବସିଥିବାର ଦୃଶ୍ୟମାନ ହେଲା । ଲକ୍ଷ୍ୟଭେଦ କରିବାକୁ ଅସ୍ତ୍ର ଉଠାଇବା ବେଳକୁ ପଛରୁ ଶୁଭିଲା ପତ୍ନୀଙ୍କ ସ୍ୱର।

-' ଏଠି ଗୋଟିଏ ନୁହେଁ ଯୋଡି ମୂଷା ଅଛନ୍ତି। ଏବେ ଉପରେ ଦେଖିଲି ଆରଟିକୁ। ସେମାନଙ୍କ ଛୁଆମାନେ ବି ଥାଇ ପାରନ୍ତି ।ମାରନା କାହାକୁ।' ମୋତେ ଏବେ ଶୁଭୁଥିଲା ପତ୍ନୀଙ୍କ ବିକଳ ବିବ୍ରତ ସ୍ୱର।

ଏତିକି ବେଳକୁ ସାଇଁ କରି ଚୂଟିଆ ମୂଷାଟେ ମୋ ପାଖ ଦେଇ ଶୀଡ଼ି ପଳାଇଲା ଠାକୁର ଘର ବାହାରକୁ। ମୁଁ ବି ସେ ଘରୁ ବାହାରି ଆସିଲି।

ଆମ ସାମ୍ନାରେ ଆଉ ଗୋଟିଏ ମୂଷା ଆରଟି ଯାଇଥିବା ରାସ୍ତାରେ ବାହାରି ଗଲା। ସେମାନଙ୍କ ବାଟକୁ ଅନୁସରଣ କରି ଦେଖିଲି ଟିଭି କେବୁଲ ଆସିଥିବା କଣା ଦେଇ ଦୁହେଁ ବାହାରିଗଲେ ଘର ବାହାରକୁ।

ସେଇ କଣା ଭିତରେ ଆଗରୁ ଦିଆ ଯାଇଥିବା କନାର ପ୍ୟାକିଂ କୁ ଆଡେଇ ସେମାନେ ଘର ଭିତରକୁ ଯିବା ଆସିବା କରୁଥିଲେ ବୋଲି ଆମେ ଜାଣିଲୁ। ପୁଣି ଥରେ ଭଲଭାବରେ ସେଇ କଣାକୁ ନିବୁଜ କରି ଠାକୁର ଘର ଆଡକୁ ମୁହାଁଇଲି। ଚଟାଣକୁ ପରିଷ୍କାର କରି ବିମାନ ଏବଂ ତା ପାଖକୁ ଥିବା ଥାକ ଭିତରେ ତନ୍ନ ତନ୍ନ କରି ଖୋଜିଲି। ମୂଷା ଦମ୍ପତି ଙ୍କର ଶାବକ ମାନେ ନଥିବା ଜାଣି ଆମେ ଆଶ୍ୱାସ ହେଲୁ।

'ନିଜ ପ୍ରିୟତମ କୁ ଭେଟିବା ପାଇଁ କବାଟକୁ କାଟି କଣା କରାଯିବା ଭଳି ଦୁର୍ଦ୍ଧର୍ଷ ଚେଷ୍ଟାର ଉଦାହରଣ ଇତିହାସରେ ଲିପିବଦ୍ଧ କରାଯିବାର କଥା ।' ମୋ କଥା ଶୁଣି ପତ୍ନୀ ଉଲ୍ଲସିତ ହେଲା ଭଳି ଲାଗିଲେ।

ଅଫିସ ଯିବା ସମୟ ଗଡିଯାଇଥିଲା ତ ଏଇ କାହାଣୀଟି ଉତୁରିଲା... !

*କୁଞ୍ଜବିହାରୀ ଲେନ, କଟକ*

*ମୋ: ୯୪୩୮୧୭୫୫୪୨*

## ଦେଶ

*ରତ୍ନକାନ୍ତି ମିଶ୍ର*



ନଥାଉ ପଛେ ଦି' ବେଳାକୁ ଆହାର
ନଥାଉ ପଛେ ମୁଣ୍ଡ ଉପରକୁ ଛାତ
ନଥାଉ ପଛେ ଦେହ ଢାଙ୍କିବାକୁ ବସ୍ତ୍ର
ନଥାଉ ପଛେ ହାତରେ ଟଙ୍କା
ଝିଅ କୁ ଲାଗୁ ଅଭିଆଡି ଦୋଷ
ସଂରକ୍ଷଣ ଉପଯୁକ୍ତ ଜାତି
ନଥିବା ହେତୁ ପ୍ରମାଣପତ୍ର
ପୁଅର ଥାଉ ଚାକିରିର ଅବସୋସ
ତଥାପି ମୋ ପାଇଁ ବଡ଼
ମୋ ଦେଶ
ଯେଉଁ ପାଣି ପବନରେ
ଗଢ଼ା ମୋ ଶରୀର
ଯେଉଁ ଭୂଇଁ ଉପରେ ମୁଁ
ଏବେ ଦଣ୍ଡାୟମାନ
ଯେଉଁ ନଦୀରେ ସ୍ନାନ କରେ
ଯେଉଁ ଗଛର ଫଳ ମୂଳ ଖାଇ
ଜୀବନ ନିର୍ବାହ କରେ
ସେ ପରା ସବୁ ମୋ ଦେଶର
ଦେଶ ଅଛି ବୋଲି ତ
କୌଣସି ମତେ ଚାଲିଛି ସଂସାର
ଦେଶ ହିଁ ମୋର ଜୀବନ
ଦେଶ ହିଁ ମୋର ପ୍ରାଣ
ଦେଶ ନଥିଲେ କି
ଦେଖି ହେବ ସ୍ୱପ୍ନ ?
ଦେଶ ନଥିଲେ କି ଥାଏ ସ୍ୱାଭିମାନ ?
ଦେଶ ନଥିଲେ କି
କହିହେବ ମୁଁ ସ୍ୱାଧୀନ ?
ଦେଶ ନଥିଲେ କି
ଗାଇହେବ ଜନ-ଗଣ-ମନ ?
ଥାଉ ନଥାଉ ପଛେ କିଛି ମୋର
ତଥାପି ମୋ ଦେଶ ମୋର ଅତି
ଆପଣାର...!!

*ଆଳି, କେନ୍ଦ୍ରାପଡା*

## ସକାରାତ୍ମକ - ନକାରାତ୍ମକ

*ନିରଞ୍ଜନ ସାହୁ*



ଅନେକ କହନ୍ତି ସକାରାତ୍ମକର
ଭାବନା ନେଇକି ବଞ୍ଚ
ଅନେକ କହନ୍ତି ଜୀବନ କାଳରେ
କିଛି କିଛି ପୁଣ୍ୟ ସଞ୍ଚ ।
ନକାରାତ୍ମକର ଭାବନା ଘେନିଲେ
ହାରିବା ନିଶ୍ଚୟ ଥୟ
କେମିତି କହୁନ ତୁମ ଜୀବନରେ
କିପରି ହୋଇବ ଜୟ
ଯେଉଁଠି ରହିବ ସେଠାରୁ ଆଗକୁ
ଯିବ କି ଗୋଟିଏ ଇଞ୍ଚ ?
ଏହି ଜୀବନକୁ ବିସ୍ତୃତ ଭାବରେ
ବର୍ଣ୍ଣନା କରିକି ଲେଖ
କେତେ ଆଗେଇଛ
କେତେ ପଛେଇଛ
ନିରେଖି ଟିକିଏ ଦେଖ
ଉନ୍ନତି ପଥରେ ଜୀବନର ରାସ୍ତା
କଣ୍ଟାଝଣ୍ଟାପୂର୍ଣ୍ଣ ଘଞ୍ଚ ।
ସକାରାତ୍ମକର ଭାବନାକୁ ନେଇ
ଆଗକୁ ଆଗକୁ ବଢ
ସବୁ ପରିସ୍ଥିତି ସାମନା କରିକି
ପ୍ରତିକୂଳ ସହ ଲଢ଼
ନାଟ କରିବାକୁ ନାଟୁଆ ସାଜିଛ
ଏ ଦୁନିଆ ରଙ୍ଗମଞ୍ଚ ।
ଡରିବାର ନାହିଁ ଜିତିବାର ଅଛି
ଏହି ଚିନ୍ତାଧାରା ନେଇ
ସମାଲୋଚନାକୁ ବେଖାତିର କରି
ଲକ୍ଷ୍ୟ ପ୍ରତି ଧ୍ୟାନ ଦେଇ
ଜ୍ଞାନୀ ହାରିଯାଏ ଧନୀ ହାରିଯାଏ
ମୂର୍ଖରୁ ହୁଏ ସରପଞ୍ଚ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା , ଢେଙ୍କାନାଳ*

## ଅୟି ବର୍ଷା...!

*ଆଦ୍ୟାଶା ମହାପାତ୍ର*



ସଜଳ କଜଳ ନୟନରେ ତୁମ
ଭରି ଅଛି ପ୍ରୀତି ରଙ୍ଗ
ବର୍ଷା ଗୋ ତୁମେ
ବିଦଗ୍ଧ ପରାଣେ
ନବ ଉନ୍ମେଷ ଉମଙ୍ଗ॥
ତୁମ ଆଗମନେ
ଆକାଶ ବକ୍ଷରେ
ଅବୃଦ ବାଦଲ ମେଳା
କଳାମେଘୀ ପାଟ
ପଣତରେ ତୁମ
ଚପଳା କରଇ ଖେଳା ॥
ଧୀର ପଦପାତେ ଚୁପି ଚୁପି ତୁମେ
ଆସ କେବେ ମର୍ତ୍ତ୍ୟେ ବୁଲି
ଗଛ ଲତା ନଦୀ ପାହାଡ଼ ପର୍ବତ
ଛୁଇଁ ହସ ଖିଲି ଖିଲି ॥
ସ୍ଥାବର ଜଙ୍ଗମ ଚାହିଁ ରହିଥାନ୍ତି
ରୌଦ୍ରତାପେ ଦଗ୍ଧ ହୋଇ
ଥାଏ ପ୍ରତୀକ୍ଷିତ ଏ ଜୀବଜଗତ
ତୁମରି ସାନ୍ନିଧ୍ୟ ପାଇଁ ॥
ପାଦରେ ତୁମର ନୂପୁରର ସ୍ୱର
ଶୁଣି ପୁଲକିତ ଧରା
ସାଗୁଆ ପାଟରେ ସୁନ୍ଦରୀ ପ୍ରକୃତି
ହୋଇଯାଏ ଆତ୍ମହରା ॥
ଭାବସିନ୍ଧୁ ତୁମେ
ଭାବନା ମନ୍ଦିରେ
ପ୍ରୀତିପର୍ଣ୍ଣା ଲସ୍ୟମୟୀ
ସୁଲଳିତ କଣ୍ଠେ ଛନ୍ଦ
ତୋଳି ଯାଅ
ରିମି ଝିମି ଗୀତ ଗାଇ ॥
ଋତୁ ଚକ୍ରେ ତୁମେ
ଆସି ଆଙ୍କିଦିଅ
ଭିନ୍ନ ଏକ ଅନୁଭବ
ଭିଜେ ମନ ପ୍ରାଣ ଅପୂର୍ବ
ମହକେ
ଗାଏ ଉର୍ଜ୍ଜାର ରାଗ ॥

*ନୂଆପଡା, କଟକ*

## ପବିତ୍ର ଗହ୍ମା ପୁନେଇଁ

*ରାମଚନ୍ଦ୍ର ବେହେରା*



ବାରମାସ ଅନ୍ତେ ଆସୁଛି ମରତେ
ପବିତ୍ର ଗହ୍ମା ପୁନେଇଁ
ଗେହ୍ଲେଇ ଭଉଣୀ
ଭାଇ ହାତେ ରାକ୍ଷୀ
ବାନ୍ଧିବ ସରାଗେ ନେଇ
ଚନ୍ଦନ ଟିପା ଲଗେଇ
ବନ୍ଦାପନା କରି ଭାଇକୁ ମିଠେଇ
ଶ୍ରଦ୍ଧାରେ ଦେବ ଖୁଆଇ।
ଭାଇର ଜୀବନେ ନଆସୁ ବିପତ୍ତି
ପ୍ରଭୁଙ୍କୁ ବିନତି କରି
ଦୁଃସମୟେ ତା'ର ସାହା ହେବା ପାଇଁ
ଭାଇକୁ କରିବ ଅଳି
ମମତାରେ ବାନ୍ଧି ହୋଇ
ରକ୍ଷା କବଚ ମୁଁ ସାଜିବି ତୋହର
ପ୍ରତିଶ୍ରୁତି ଦେବ ଭାଇ।
ଶିରୀ ମନ୍ଦିରରେ ରାକ୍ଷୀବନ୍ଧା ନୀତି
ହେବ ବିଧି ଅନୁସାରେ
କଳା ଶ୍ରୀମୁଖଂକୁ ସୁଭଦ୍ରା ଭଉଣୀ
ବାନ୍ଧିବେ ରାକ୍ଷୀ ଶ୍ରଦ୍ଧାରେ
ହସିବେ କଳା ସାଆନ୍ତେ
ଶ୍ରୀଗୁଣ୍ଡିଚା ଦିନ ଗେହ୍ଲି ଭଉଣୀକୁ
ନେଇଯିବେ ରଥ ଯାତେ।
ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଂକ ହାତେ ପାଂଚାଳୀ
କୋଟିବସ୍ତ୍ର ଦେଇ ରକ୍ଷା କରିଥିଲେ
ଦ୍ରୌପଦୀଂକୁ ବନମାଳୀ
ରାକ୍ଷୀ ରଖିଥାଏ ମାନ
ଭାଇ ଭଉଣୀର ଅତୁଟ ସମ୍ପର୍କ
ଯୋଡିରଖେ ଚିରଦିନ।
ପ୍ରଭୁ ବଳିଆଂକ ଜନମ ଦିବସ
ଗହ୍ମା ପୁନେଇଁରେ ଆସେ
ଗୋମାତାଂକ ପୂଜା କରନ୍ତି ସଭିଏଁ
ଧୂପ ମହ ମହ ବାସେ
ହସଇ ଧର୍ମ ସଂସାର
ବାର ମାସେ ତେର ପରବରେ ସାର
ଗହ୍ମା ପୁନେଇଁ ଆମର।

*ତେନ୍ତୁଳିପଦା,ଜଗତସିଂହପୁର*

*ମୋ-୭୩୫୫୬୩୪୩୪୬*

## ବର୍ଷାତି



ସୁଧାକର ରାଉତ

ମୁଁ ତ ଜାଣି ନଥିଲି ପହଁରା
ଉଚ୍ଛୁଳା ନଈର ପ୍ରଖର ସ୍ରୋତରେ
ଚାଲିବା ବି ଜଣାନଥିଲା
ସେ ପିଚ୍ଛିଳ ପଥରେ
ଉଡ଼ିବାତ ଆଦୌ ନଥିଲା ଜଣା
ସପନର ସେ ଅନନ୍ତ ଆକାଶରେ ।
ତୁମେ ହାତଧରି ସବୁ ଶିଖାଇ
ଚାଲିଗଲ କାହିଁ କେତେ ଦୂରେ
ବଞ୍ଚିବାକୁ ଏ କୋଳାହଳରେ ।
ଇନ୍ଦ୍ରିୟଗଣ ସବୁ ହୁଅନ୍ତି ନିଥର
ଅସହ୍ୟ ଯନ୍ତ୍ରଣା ହୁଏ
ଏ ଉଷୁମ ସକାଳେ ।
ଏତେ ଅନିଚ୍ଛାକୃତ ବର୍ଷା
କେତେ ବା ଭିଜିବି କୁହ
ତୁମର ସେ ବର୍ଷାତି କୁ ନେଇ ।
ସମୟଟା ତା ଆୟୁଷକୁ
ବେଖାତିର କରି
ହେଉଛି ଖତେଇ ।
ଭିନ୍ନ ଏଇ ମାୟା ରାଇଜରେ
କେଉଁଠି ବା ସାଉଁଟିବି
ନୂଆ ବର୍ଷାତିର ଶିରସ୍ତ୍ରାଣ ଟିଏ ।

*ପ୍ରତାପ ନଗରୀ, କଟକ*

*ମୋ:୮୨୪୯୯୩୨୭୯୨*

## କ୍ଷମତା ଓ ତିକ୍ତତା



ପୂର୍ଣ୍ଣଚନ୍ଦ୍ର ବହଳୀ

ଭାରତ ଏକ ବୃହତ୍ତମ ଗଣତାନ୍ତ୍ରିକ ଦେଶ । ଏଠାରେ ବିଭିନ୍ନ ଭାଷା ଓ ଜାତିର ଲୋକେ ବାସ କରନ୍ତି । ସବୁ ଶ୍ରେଣୀର ଭାଷା ସାହିତ୍ୟ ସଂସ୍କୃତି ଭିନ୍ନ ହେଲେ ବି ଭିନ୍ନତା ମଧ୍ୟରେ ଏକତା ଏହାର ପୁଞ୍ଜି ଓ ବଳ । ଏହି ଏକତାକୁ ପାଥେୟ କରି ଦେଶ ସମୃଦ୍ଧ ହେଉଥିବା ବେଳେ କ୍ରମଶଃନିଜ ନିଜ ବିଭେଦ ବୃଦ୍ଧି ଭାରତ ପାଇଁ ଚିନ୍ତାର କାରଣ ହେଲାଣି । ଶାସନରେ ଥିବା ଓ ବାହାରେ କ୍ଷମତା ପାଇଁ ଲଢୁଥିବା ବ୍ୟକ୍ତିମାନେ ଏହାକୁ ବୁଝି ମଧ୍ୟ ନବୁଝି ପାରିଲା ଭଳି ଅନୁଭୂତ ହୁଏ । ଏବେ ରଜନୀତିକ କ୍ଷମତା ଲୋଭ ଓ ଭୋଟ ବ୍ୟାଙ୍କ ସୃଷ୍ଟି ଉଦ୍ଦେଶ୍ୟରେ ଭୁଲ କଥାକୁ ବି ରଜନୀତିକ ଦଳମାନେ ଭୁଲ କହୁନାହାନ୍ତି ।

ନିର୍ଦ୍ଦିଷ୍ଟ ଭାଷା ଓ ଗୋଷ୍ଠୀକୁ ଧରି ରାଜନୀତି କରିବା ଏକ ସାଧାରଣ ଅଭ୍ୟାସ ହୋଇଗଲାଣି । ନିଜ ଭାଷାକୁ ପ୍ରାଧାନ୍ୟ ଦେଇ ଅନ୍ୟ ଭାଷାକୁ ଗୌଣ କରିବା ଓ କ୍ରମଶଃ ଏହାକୁ ଭାଷା ବିବାଦରେ ପରିଣତ କରିବା ପାଇଁ ଏବେ ଆଉ ଏକ ବିବାଦ ମୁଣ୍ଡ ଟେକିଲାଣି । ଭାଷା ଅଭିମାନ ରାଜନୀତିର ଅସ୍ତ୍ର ନୁହେଁ, ବରଂ ଏହା ଏକ ସାଂସ୍କୃତିକ ଗର୍ବ । ଭାଷା ବିଭିନ୍ନତା ଆମ ଶକ୍ତି ହେଉ, ଦୁର୍ବଳତା ନୁହେଁ । କିନ୍ତୁ ଏହାକୁ ନେଇ ରଜନୀତିକ ରଣନୀତି କରିବା ସହିତ ଜନସାଧରଣଙ୍କ ଭାବନା ସହ ଖେଳା ଯାଉଛି । ସେହିଭଳି ଜାତି ଜନଗଣନା, ଆରକ୍ଷଣ ନାମରେ,ଜାତି ଜାତି ମଧ୍ୟରେ ବିଭେଦର ମଞ୍ଜି ବୁଣିବା ସହ ବହୁ ଉପଜାତି ସୃଷ୍ଟି କରି ସେମାନଙ୍କ ପାଇଁ ଦରଦ ପ୍ରକାଶ କରି ଭୋଟ ବ୍ୟାଙ୍କ ସୃଷ୍ଟି କରିବା ବି ପରିଲକ୍ଷିତ ହେଉଛି। ସାଧାରଣ ଜନତା ବି ଦ୍ୱିଧାଗସ୍ତ । ଆମେମାନେ ବି ସ୍ୱଳ୍ପ କିଛି ସୁବିଧା ପାଇଁ ନେତା ଓ ଦଳ ମାନଙ୍କ ପାଖରେ ଏଭଳି ସମର୍ପିତ ଯେ ତାଙ୍କ ପାଇଁ ରକ୍ତ ଲୁହାଣ, ନିଜ ନିଜ ଭିତରେ ଲଢେଇ, ହଣାକଟା ପର୍ଯ୍ୟନ୍ତ ଲିପ୍ତ । ପରସ୍ପରକୁ ଉସୁକାଇ ହିଂସା ସୃଷ୍ଟି ହେଉ, ଗଣ୍ଡଗୋଳ କରିବା ହେଉ ଜନତା ହିଁ । ତିଗସ୍ତ ହୁଅନ୍ତି ଓ ଏଭଳି କରାଉଥିବା ବ୍ୟକ୍ତି କ୍ଷମତା ଓ ଭୋଗବିଳାସରେ ଲିପ୍ତ ରହନ୍ତି । ହତ୍ୟା ହେଉ କିମ୍ବା ଆତ୍ମହତ୍ୟା,ଧର୍ଷଣ ହେଉ କିମ୍ବା ପ୍ରତିଶୋଧ ହେଉ ସବୁ ଠି ବିଭେଦର ଭାଷା । କୌଣସି କ୍ଷେତ୍ରରେ ସହଯୋଗ ଭିତ୍ତିରେ ସମାଧାନ ପାଇଁ ଆଗେଇଆସିବା ପରିବର୍ତ୍ତେ ତାହା ଜଟିଳତା ଆଡକୁ ଠେଲିଦିଆଯାଏ ।

ଏହା ବାଦେ ଆଞ୍ଚଳିକତା ବା ଅଞ୍ଚଳ ଆଧାରିତ ରାଜନୀତି ବି ଏକ ସମସ୍ୟା ରୂପେ ଉଭା ହେଲାଣି । ଏହି ଦଳମାନେ ନିଜ ଅଂଚଳରେ ଅଧିକ ଉନ୍ନତି ପାଇଁ ଦାବି କରି ବସନ୍ତି ଓ ଏହା ବି ହେବା ଆବଶ୍ୟକ । କିନ୍ତୁ ଉନ୍ନତିର ଦ୍ୱାହି ଦେଇ ଆଞ୍ଚଳିକତା ନାମରେ ବିଭିନ୍ନ ଅଯୁକ୍ତିକର ଦାବି ଉପସ୍ଥାପନ କରି ନିଜକୁ ଜନତାର ରକ୍ଷକ କହି ଜାତି ଭାଷା ଓ ଧର୍ମ ମଧ୍ୟରେ ବିଭେଦକୁ ବୃଦ୍ଧି କରିବା ଦେଖାଯାଉଛି । ଏହା ଯେ ଭାରତର ଅଖଣ୍ଡତା ପ୍ରତି ବିପଦ ଓ ଦୂରଗାମୀ ପରିଣତି ଯେ ଭୟାଭୟ ସେମାନେ କ୍ଷମତା ଲୋଭରେ ତାହାକୁ ନଜର ଅନ୍ଦାଜ କରି ଦେଉଛନ୍ତି ।

ରାଜନୀତି ଏବେ ସେବା ନ ହୋଇ ପେଶା ହେବାକୁ ବସିଲାଣି । ରାଜନୀତି ଏମିତି ଏକ କ୍ଷେତ୍ର ଯାହାର ମୂଳ ଉଦ୍ଦେଶ୍ୟ ଥିଲା ଲୋକମାନଙ୍କ ସେବା, ସେମାନଙ୍କର ସମସ୍ୟା ସମାଧାନ କରିବା ଓ ଦେଶର ଉନ୍ନତି ପାଇଁ ଗଠନମୂଳକ କାର୍ଯ୍ୟ କରିବା । ବର୍ତ୍ତମାନ ରାଜନୀତିରେ ମୂଲ୍ୟବୋଧର ଅଭାବ ଦେଖାଦେଲାଣି । ରାଜନୀତି କ୍ଷମତା ସର୍ବସ୍ୱ ହେବା ସହ ଅଧିକ ବଳଶାଳୀହେବା, ଧନ ଅର୍ଜନ କରିବା ଲାଳସା ଜାଗ୍ରତ ହେଉଛି କ୍ଷଏହାର ଅର୍ଥ ନୁହେଁ ଯେ ସମସ୍ତେ ଏହି ଶ୍ରେଣୀର, ଏବେ ବି ନିଷ୍ଠାର ସହ କାର୍ଯ୍ୟକରିବା ଲୋକଙ୍କର ଅଭାବ ନାହିଁ କିନ୍ତୁ ରାଜନୀତିରେ କ୍ୱଚିତ ଏହା ପରିଲକ୍ଷିତ ହୁଏ । ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ସମାଜକୁ ଏକଜୁଟ ରଖିବା ପାଇଁ ଜନସାଧାରଣଙ୍କ ସଚେତେନତା ହିଁ ମୁଖ୍ୟ ଆଧାର । ପରସ୍ପର ମଧ୍ୟରେ ତିକ୍ତତା ସମସ୍ତଙ୍କ ପାଇଁ କ୍ଷତିକାରକ । ହୁଏ ତ ସାମୟିକ ଭାବେ ଏହା ନିଜ ପ୍ରତି କ୍ଷତି ହୋଇ ନପାରେ କିନ୍ତୁ ଭବିଷ୍ୟତ ପାଇଁ, ନୂତନ ପିଢ଼ି ଓ ବଂଶଧରଙ୍କ ପାଇଁ ଯେ ବିପଦର ଘଣ୍ଟି ତାହା ଚିନ୍ତା କଲେ ହିଁ ଦୃଶ୍ୟମାନ ହେବ ।

*ସମ୍ପାଦକ, ଶିବାନୀ, ଭଦ୍ରକ*

## ରେବତୀ



ସୁଚରିତା ମହାନ୍ତି

ଅଗଣାରୁ ଏରୁଣ୍ଡି ଡେଇଁ ରେବତୀ ପାଠଶାଳାର ବର୍ଣ୍ଣବୋଧ ଶେଷକରି ଆଗେଇ ଯାଇଥିଲା 'ମୋ ଛବି ବହି'ର ଛବି ଦେଖିବା ସହିତ ଛବିଗୁଡ଼ିକର ନାମ ଜାଣିବା ପାଇଁ।
ରେବତୀ ଯେତେ ବଡ଼ ହେଉଥିଲା ତାକୁ ତା' ମା' ବାପା,ଜେଜେ ମା' ବାସୁ ମାଷ୍ଟ୍ରେ ଭଳି ଅନେକ ମାଷ୍ଟ୍ରେ ଭଲ ଭଲ ଶିକ୍ଷାଦେବାକୁ ଲାଗିଲେ ।
ଜେଜେମା'ର ଆକଟ ନଥିଲା। କେବେ ହେଲେ ଲୋ ରେବି !ଲୋ ନିଆଁ !ଲୋ ଚୁଲି !କହି ଧିକ୍କାର କରୁନଥିଲା।
ଆଗକୁ ବଢ଼ିବାରେ ନଥିଲା ତା' ପାଦରେ ଶିକୁଳି ।ରେବତୀ ଯେତେ ବଡ଼ ହେଉଥିଲା ସେତେ ବେଶୀ ଶିକ୍ଷା ଗ୍ରହଣ କରୁଥିଲା । ସମାଜର କୁସଂସ୍କାରକୁ ଏଡ଼ ?ଇ ଦେବାକୁ ଚେଷ୍ଟାକରୁଥିଲା କେଉଁ ଗୁଣରେ କମ୍ ନଥିଲା। ରେବତୀ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଲା ।ହସିଖେଳି ସମସ୍ତଙ୍କର ଅତି ପ୍ରିୟ ହୋଇ ଯାଇଥିଲା ।
ସମସ୍ତଙ୍କୁ ନିଜର ଭାବି ବାଟ ଚାଲୁଥିଲା ।ହେଲେ ରେବତୀ ଯେତେବେଳେ ଛୋଟ ଥିଲା ସେତେବେଳେ ପଢୁଥିବା 'ମୋ ଛବି ବହି'ର ଦେଖିଥିବା ଛବି ଭିତରେ ରାକ୍ଷସର ଛବିକୁ କେବେ ଦେଖିନଥିଲା ବା ରାକ୍ଷସକୁ ଚିହ୍ନି ନଥିଲା ।ଧୀରେ ଧୀରେ ତା' ଜୀବନରେ ଆସିଲେ କେତୋଟି ରାକ୍ଷସ ।ତା' ଜୀବନର ଚଲାପଥରେ ପ୍ରତିବନ୍ଧକ ସାଜିଲେ ।
କଟାସିଆ ଆଖି,ବଡ଼ ବଡ଼ ଦାନ୍ତ,ବାଘ ନଖ ପରି ଧାରୁଆ ନଖରେ ତାକୁ ବିଦାରି ଖିନଭିନ କରି ତା' ରକ୍ତ ଶୋଷିବାକୁ ଲାଗିଲେ ।
ରେବତୀ ବଡ଼ ହୋଇଥିଲା ସତ,କିନ୍ତୁ ବଡ଼ ହେବାପରେ କେତେଗୁଡ଼ିଏ ରାକ୍ଷସଙ୍କ କବଳରୁ ନିଜକୁ ସୁରକ୍ଷିତ ରଖିପାରିଲାନି ।
କାହିଁକି ନା ସେ ବୁଝିନଥିଲା ରାକ୍ଷସର ମାନେ କ'ଣ ।
ରାକ୍ଷସ କ'ଣ କରନ୍ତି। ରାକ୍ଷସ କେମିତି ଦେଖାଯାନ୍ତି ଇତ୍ୟାଦି ଇତ୍ୟାଦି ।
ରେବତୀ ବହି ବସ୍ତାନି ଧରି ଯାଇଥିଲା ପାଠ ପଢ଼ିବାକୁ। ଘରଠାରୁ ଢେର୍ ଦୂରକୁ।
ସେଠି ନଥିଲେ ତା'ର ଆତ୍ମୀୟ ସ୍ୱଜନ।
ସେଠି କେବଳ ଥିଲେ ସାଙ୍ଗସାଥୀ ଆଉ କେତେ ଜଣ ମଣିଷ ରୂପରେ ରାକ୍ଷସ।
ସେମାନେ ଗୋଟିଏ ନୁହେଁ, ଅନେକ ରେବତୀ ମାନଙ୍କୁ ସମାଜରେ ବଞ୍ଚିବାକୁ ଦିଅନ୍ତି ନାହିଁ।
ସେମାନଙ୍କ ବିକଟାଳ ରଡ଼ିରେ ରେବତୀ ହୁଏ ଅସ୍ତବ୍ୟସ୍ତ।
ମା' ଠାରୁ ର' ଯାଏ ବା' ଠାରୁ ପା' ଯାଏ କାହାକୁ ସେ ଭରସା କରି ପାରିଲାନି।
'ରେବତୀ' ଭାଗ୍ୟରେ ଗ୍ରହଣ ଲାଗିଗଲା ।ସେ ଦେଖିଥିବା ଯେତେ ସବୁ ସ୍ୱପ୍ନ ପାଲଟି ଗଲା ଧୂସର ମରୁଭୂମି ।
ଭୁଷୁଡ଼ି ଗଲା ତା' ମନ ଓ ଛାତିରେ ବାନ୍ଧି ଥିବା ଦମ୍ଭର ପାହାଡ଼ ।କାହାଠାରୁ ପାଇଲାନି ମୁଠାଏ ବିଶ୍ୱାସ ।ରେବତୀ ସମାଜର କୁସଂସ୍କାରକୁ ଏଡ଼ ?ଇ ଦେଉ ଦେଉ ପାଲଟିଗଲା ଜୀଅନ୍ତା ଶବ ।
ଅନେକ ଚେଷ୍ଟା କରିବି ଜୀବନ ଯୁଦ୍ଧରେ ସେ ହେଲା ବିଫଳ। ସମସ୍ତଙ୍କ କୋଳାହଳ ଭିତରେ ହଜି ଯାଇଥିଲା ତା'ର କରୁଣ ଚିତ୍କାର। ସମାଜର ପ୍ରତିଷ୍ଠିତ ବଡ଼ ବଡ଼ିଆମାନେ କାନ୍ଦୁଥିଲେ କୁମ୍ଭୀର କାନ୍ଦଣା ।ନିଜ ମୁଣ୍ଡ ଉପରୁ ଦୋଷ ଛଡ଼ାଇବା ପାଇଁ କଲେ ବିଭିନ୍ନ କୌଶଳ।
ଚାଲିଲା ପଶାପାଲି ଖେଳ ।
ଗୋଟି ଗଡ଼ିବାକୁ ଲାଗିଲା ।ଅଙ୍କ ଛିଣ୍ଡିଲା କୋଡ଼ିଏରେ ।
ନିଜକୁ ନ୍ୟାୟ ଦେବା ଅପେକ୍ଷାରେ ରେବତୀ ଦୁଇ' ଦୁଇ' ଥର ଅଗ୍ନି ପରୀକ୍ଷା ଦେଲା ।
ପ୍ରଥମ ଅଗ୍ନି ପରୀକ୍ଷାରେ ସେ ଅଙ୍ଗାର ପାଲଟି ଯାଇଥିଲା।
ଆଉ ରେବତୀ ଯେତେବେଳେ ଦ୍ୱିତୀୟ ଅଗ୍ନି ପରୀକ୍ଷା ଦେଲା ସେତେବେଳେ ସେ ପାଉଁଶ ହୋଇଗଲା।
ରେବତୀ ସତୀ ସୀତା ହେଲା କିବା ଫକୀରମୋହନ ଙ୍କ 'ରେବୀ' ହେଲା କାହାକୁ ଜଣା ପଡ଼ିଲାନି।
କେବଳ ଏତିକି ଜଣା ପଡ଼ିଲା ଯେ, ରେବତୀର ଅତୃପ୍ତ ଆତ୍ମା ଟି କିଛି ଛପା ଚିତ୍ର ବିଚିତ୍ର କାଗଜକୁ ଦେଖି ଗାଁ ଶ୍ମଶାନରେ ନିଜକୁ ଧିକ୍କାର କରୁଥିଲା ।ସେ ବୁଝି ପାରିଥିଲା ଏ କୁତ୍ସିତ ସମାଜରେ 'ରେବତୀ' ହୋଇ ଜନ୍ମ ନେବା ସବୁଠାରୁ ବଡ଼ ପାପ ।

*ବାରିପଦା,ମୟୂରଭଞ୍ଜ*

*ମୋ: ୮୯୧୭୫୬୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ




## ବିଉଟିଶିଆନ ମାନଙ୍କୁ ସହଜୋଗ କରିଚାଲିଛି ଇସା ଅର୍ଗାନିକ ହର୍ବାଲ ପ୍ରଡକ୍ଟ

ଭୁବନେଶ୍ୱର,(ପି.ଏନ): ଆଜି ମ୍ୟୁନିସିପାଲଟି ହସ୍ପିଟାଲ ନିକଟସ୍ଥ ହର୍ବାଲ ପ୍ରଡକ୍ଟ ଶୋ ରୁମ୍ ଏବଂ ଇସା ଟ୍ରେନିଂ କେନ୍ଦ୍ର ଠାରେ ବିଉଟିଶିଆନ ମାନଙ୍କ ପାଇଁ ଆବଶ୍ୟକ ପଡୁଥିବା ଆଧୁନିକ ପ୍ରଡକ୍ଟ ଗୁଡ଼ିକର ବ୍ୟବହାର ଓ ବଜାର ପ୍ରବେଶକୁ ନେଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୂତନ ଅତ୍ୟାଧୁନିକ ହର୍ବାଲ ପ୍ରଡକ୍ଟର ବ୍ୟବହାର ଓ ବଜାର ଚାହିଦା ରଖୁଥିବା ହର୍ବାଲ ପ୍ରଡକ୍ଟକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଇସା ହର୍ବାଲ ଚିଫ ଜେନେରାଲ ମ୍ୟାନେଜୀଙ୍ଗ ଡାଇରେକ୍ଟର ପ୍ରବିନା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଭାବେ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ଅଗାଣିକ ହର୍ବାଲ ପ୍ରଡକ୍ଟ ଯାହା ଆଜି ସମଗ୍ର ବିଉଟି ପାର୍ଲର ରେ ବହୁ ମାତ୍ରାରେ ବ୍ୟବହୃତ ହେଉଛି ତା ଉପରେ ସୂଚନା ଦେବା ସହ ଅଗକୁଏହିସବୁ ପ୍ରଡକ୍ଟ ଓଡ଼ିଶା ବାହାରକୁ ଯୋଗାଇ ଦେବାକୁ କଂପାନୀ ପ୍ରସ୍ତୁତ ହେଉଥିବାର କହିଛନ୍ତି। ବର୍ତମାନ ଏହିସବୁ ନୂଆ ପ୍ରଡକ୍ଟ କଲିକତା ଗୌହାଟୀ ଓ ଛତିଶଗଡ ରେ ବିଉଟିପାର୍ଲର ମାନେ ନେଉଛନ୍ତି।ପାର୍ଶ୍ୱ



ପ୍ରତିକ୍ରିୟାହିନ ଏବଂ ଚର୍ମ ଜନିତ ସମସ୍ୟା ଦୂର କରିବା ସହ ତ୍ରୁଟି ଝଡ଼ିବା ଦୁରକରିବାରେ ଏହିସବୁ ପ୍ରଡକ୍ଟ ଲୋକ ମାନଙ୍କର ଆଦୃତ ହୋଇଛି। ଏତଦ୍ ବ୍ୟତୀତ ଶ୍ରୀମତୀ ତ୍ରିପାଠୀ ଏବଂ ତାଙ୍କ ପୁରା ଟିମ୍ ସବୁ ବିଉଟିଶିଆଣ୍ ମାନଙ୍କୁ ଉପଯୁକ୍ତ ଟ୍ରେନିଂ ଦେଇ ପ୍ରଡକ୍ଟ ଗୁଡ଼ିକର ବ୍ୟବହାର ଏବଂ କେଉଁ ଆଇଟମ ପାଇଁ କେମିତି ସର୍ଭିସ୍ ଲୋକମାନଙ୍କୁ ଦେଇ ପାର୍ଲର ଚଳାଇବ ସେ ସମସ୍ତ ବିଷୟରେ ବିଉଟିଶିଆନ ମାନଙ୍କୁ ଟ୍ରେନେଡ କରାଯାଇଛି। ଏଥିପାଇଁ ଆବଶ୍ୟକ ଆଧୁନିକ ମେସିନ ପରିଚାଳନା ନିଜର ଦକ୍ଷତା ବୃଦ୍ଧି ସହ ଗ୍ରାହକ ମାନଙ୍କର ଚାହିଦା ପୂରଣ କରି ରୋଜଗାର କରି ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟ ମହିଳା ମାନଙ୍କ ହାତକୁ କାମ ଦେବା ଆମ ପ୍ରଡକ୍ଟ ମୂଳ ଉଦ୍ଦେଶ୍ୟ। ଆମେ ସବୁ ପ୍ରଡକ୍ଟ ଭଲ ଭାବେ ପରୀକ୍ଷା କରି ସବୁ ଆଡ଼ ? ସପ୍ଲାଏ କରୁଛୁ, ଗୋଟେ ଟିମ୍ ହେଇ କମକରୁଛୁ ବୋଲି କହିଛନ୍ତି ଇସା ହର୍ବାଲ ପ୍ରଡକ୍ଟ ର ସିଏମଡି ପ୍ରବୀନା ତ୍ରିପାଠୀ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦୀପ୍ତ କର, ସୌମ୍ୟ ରଂଜନ ରାଉତରାୟ ସାବିତ୍ରୀ ସ୍ୱାଇଁ ରାଜକିଶୋର ସାହୁ ଓ ଲିପିକା ରାଣୀ ରଥ ପ୍ରମୁଖ ଉପସ୍ଥିତ ରହି କିପରି ଚର୍ମ ଓ କେଶଜନିତ ସମସ୍ୟା ଦୁରକରିବାକୁ ସେବା ଦିଆଯାଇଛି ବୁଝାଇଥିଲେ ।ଆମେ ଭଲ ଭାବେ ଟ୍ରେନିଂ ନେଇ ପ୍ରଡକ୍ଟ ଗୁଡ଼ିକ ବିଉଟୀ ପାର୍ଲରରେ କମକରୁଛି ବୋଲି କହିଛନ୍ତି ବିଉଟିଶିଆନ ସହେନ୍ ସୁଲତାନ।

## ସିଜିମାଳି ଆନ୍ଦୋଳନର ଲଢୁଆ ନାରୀନେତ୍ରୀ ନାରଙ୍ଗୀଦେଇ ମାଝୀଙ୍କୁ ମିଥ୍ୟା ମକଦ୍ଦମାରେ ଗିରଫଙ୍କୁ ନିନ୍ଦା

ଭୁବନେଶ୍ୱର, (ପି.ଏନ): ନିଜର ଆସନ୍ନ ପ୍ରସବା ବୋହୁ କୁ ନେଇ ଗତକାଲି ରାୟଗଡ଼ା ମେଡିକାଲ୍ ଯାଇଥିବା ସିଜିମାଳି ଆନ୍‌ଦୋଳନର ଲଢୁଆ ନାରୀ ନେତ୍ରୀ ନାରଙ୍ଗୀଦେଇ ମାଝୀଙ୍କୁ ଆଜି ପୋଲିସ୍ ଦ୍ୱାରା ଗିରଫ୍ କରାଯିବା ଏବଂ ପ୍ରାୟ ଅଧ-ଡର୍ଜନ କେଶ୍ ରେ ସଂପୃକ୍ତି ଦେଖାଇ କୋର୍ଟ ଚାଲାଣ୍ କରିବାକୁ ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ (ଏନ୍.ଏ.ପି.ଏମ୍) ଓଡ଼ିଶା ଏବଂ ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଉଭୟ ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତି ଜରିଆରେ ଏହାକୁ ତଥାକଥିତ ଆଦିବାସୀଙ୍କ ସରକାରଙ୍କ ଦ୍ୱାରା ଆଦିବାସୀ ମାନଙ୍କ ଉପରେ ନିର୍ଯ୍ୟାତନା ଭାବରେ ବର୍ଣ୍ଣନା କରାଯାଇଛି। ନିଜ ମାଟି ମା', ପ୍ରକୃତି , ପରିବେଶ ତଥା ଜୀବନ ଜୀବିକା ସୁରକ୍ଷା ପାଇଁ ମହିଳା ମାନେ ବ୍ୟାପକ ଭାବେ ବେଦାନ୍ତ ଓ ମୈତ୍ରୀ କମ୍ପାନୀ ବିରୋଧୀ ଆନ୍‌ଦୋଳନରେ ସାମିଲ୍ ହେଉଥିବାରୁ କମ୍ପାନୀର ଦଲାଲ୍ ସାଜିଥିବା ପୋଲିସ୍ ଓ ପ୍ରଶାସନ ଏପରି ଦମନ ଲୀଳା ଓ ମିଥ୍ୟା ମକଦ୍ଦମା ମାଧ୍ୟମରେ ସମଗ୍ର ସିଜିମାଳୀ ଅଞ୍ଚଳରେ ଆତଙ୍କରାଜ ଚଳାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗତ ବିଶ୍ୱ ପରିବେଶ ଦିବସ ଅବସରରେ ସିଜିମାଳି ଅଞ୍ଚଳରେ ହେବାକୁ ଥିବା ସଭାକୁ ମେଧା



ପାଟେକରଙ୍କ ସମେତ ବିଭିନ୍ନ ଗଣତାନ୍ତ୍ରିକ ଆନ୍‌ଦୋଳନ କର୍ମୀଙ୍କୁ ସେଠାକୁ ନଛାଡି ରାୟଗଡ଼ାରେ ଅଟକ ରଖିବା ପରେ ଏହି ଘଟଣା ପୋଲିସ୍ ଓ ପ୍ରଶାସନର ଆକ୍ରୋଶମୂଳକ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି। ତାଙ୍କ ସମେତ ମେଧା ପାଟେକର, ପ୍ରଫୁଲ୍ଲ ସାମନ୍ତରା, ଲିଙ୍ଗରାଜ ଆଜାଦ୍ ଓ ଅନ୍ୟାନ୍ୟ ୨୪ ଜଣଙ୍କୁ ରାୟଗଡ଼ାରେ ପ୍ରବେଶ କରିବା ଉପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓଡ଼ିଶା ହାଇକୋର୍ଟରେ ( ଉଜଖଗଉ-୨୨୯୩/୨୦୨୫) ରଦ୍ଦ ହୋଇ ଯାଇଥିବାରୁ କମ୍ପାନୀ ସ୍ୱାର୍ଥରେ ପୋଲିସ୍ ପ୍ରଶାସନ ସାଧାରଣ ଲୋକଙ୍କ ଉପରେ ଦାଉ ସାଧୁଛି ବିଭିନ୍ନ ନେତୃବୃନ୍ଦ ଏହି ବିବୃତିରେ କହିଛନ୍ତି। ଲୋକଶକ୍ତି ଅଭିଯାନର ରାଜ୍ୟ ଅଧକ୍ଷ ପ୍ରଫୁଲ୍ଲ ସାମନ୍ତରା ଆଜି ଏପରି ଗିରଫଦାରୀକୁ ନିନ୍ଦା କରି ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସ୍.ପି.)ଙ୍କୁ ଏକ ଚିଠି ଲେଖିଛନ୍ତି। ସେହିପରି ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ଲିଙ୍ଗରାଜ, ଲିଙ୍ଗରାଜ ଆଜାଦ୍, ସତ୍ୟ ବନଛୋର୍, ଅନନ୍ତ, ତ୍ରିଲୋଚନ ପୁଞ୍ଜି, ଅରୁଣ ଜେନା ପ୍ରମୁଖ ଏହି ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ଏଠାରେ ପ୍ରକାଶ କରାଯାଇପାରେ ଯେ ଗତ ଜୁଲାଇ ୧୧ ତାରିଖରେ ପାର୍ଲ୍ୟାମେଣ୍ଟରେ ବିରୋଧୀ ଦଳର ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସିଥିବା ବେଳେ ନାରଙ୍ଗୀ ଦେଇ ମାଝୀ ଓ ଅନ୍ୟମାନେ ଏକ ପ୍ରତନିଧି ଦଳରେ ଆସି ସେଠାରେ ବେଦାନ୍ତ କମ୍ପାନୀ ପ୍ରତିଷ୍ଠା ଓ ଖଣି ଖନନ ବନ୍ଦ କରିବାକୁ ଶ୍ରୀ ଗାନ୍ଧୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗତ ଅଗଷ୍ଟ ୧ ରୁ 'ମା'ମାଟି ମାଳି ସୁରକ୍ଷା ମଞ୍ଚ' ନେତୃତ୍ୱରେ ଗ୍ରାମସଭାର ବିନା ଅନୁମୋଦନରେ ବେଦାନ୍ତ କମ୍ପାନୀକୁ ଖଣି ଲିଜ୍ ପ୍ରତ୍ୟାହାର ଦାବିରେ ସିଜିମାଳି ଅଞ୍ଚଳରେ ପଦଯାତ୍ରା ଚାଲିଥିବା ବେଳେ ଏବଂ ଆଗାମୀ ଅଗଷ୍ଟ ୯ ରେ ବିଶ୍ୱ ଆଦିବାସୀ ଦିବସ ଅବସରରେ ଏକ ସମାବେଶ ଆୟୋଜନ କରିବାକୁ ସଂଗଠନ ପକ୍ଷରୁ ଘୋଷଣା ହୋଇଥିବାରୁ ପୋଲିସ୍ ପ୍ରଶାସନ ଔଷଧ ନଖାଇ ତାଟିଆ କାମୁଡ଼ା ନୀତି ଆପଣେଇଛନ୍ତି ବୋଲି ସେମାନେ ଅଭିଯୋଗ କରି ତୁରନ୍ତ ନାରଙ୍ଗୀଦେଇ ମାଝୀଙ୍କୁ ନିଃସର୍ତ୍ତ ଖଲାସ୍ ପାଇଁ ଦାବି ଜଣାଇଛନ୍ତି।

## ସାତଦିନରେ ଦୃର୍ବୃତ୍ତ ଧରା ନ ପଡ଼ିଲେ ଡିଜିପି ଅଫିସ ଘେରାଉ : ଭକ୍ତ

ଭୁବନେଶ୍ୱର,(ପି.ଏନ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ବଳଙ୍ଗା ପୀଡିତାଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି କହିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ। ଆଜି ପ୍ରେସ ବାର୍ତ୍ତା ମାଧ୍ୟମରେ ଶ୍ରୀଯୁକ୍ତ ଦାସ କହିଛନ୍ତି କି ବଳଙ୍ଗା ପୀଡିତାଙ୍କ ଘଟଣା ଆଜିକୁ ଦୁଇ ସପ୍ତାହ ହେଲା। ଶେଷରେ ତାଙ୍କ ମୃତ୍ୟୁ ହେଲା । ଶନିବାର ଘଟଣା ଘଟିଥିଲା ଏବଂ ଆଜି ସେଇ ଶନିବାର ତାର ମୃତ୍ୟୁ ହେଲା। ଦୀର୍ଘ ୧୫ ଦିନ ହେଲା ଏତେ ବଡ଼ ଚର୍ଚ୍ଚିତ ଘଟଣାର ଅଭିଯୁକ୍ତଙ୍କୁ ଆଧୁନିକ ଯୁଗରେ ପୁଲିସ ଧରି ପାରିଲା ନାହିଁ । ଏଥରୁ ପୁଲିସ ବିଭାଗ କେମିତି ଚାଲିଛି ତାହା ଅନୁମେୟ। ପୀଡ଼ିତାଙ୍କ ବୟାନ ପୁଲିସ ରେକର୍ଡ କରିଛି କିନ୍ତୁ ଲୋକ ଲୋଚନକୁ ଅଣାଯାଉ ନାହିଁ । ଅନେକ ସ୍ପର୍ଶକାତର ଘଟଣା କେମିତି ଚପାଇ ଦିଆଯାଉଛି ତାହା ସ୍ପଷ୍ଟ ଜଣାପଡୁଛି। ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦରକାର। ଯଦି ସାତଦିନ ଭିତରେ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲା ତେବେ ଆମେ ଧରିନେବୁ ସରକାର ପୁଲିସ ବିଭାଗ ଚଳାଇ ପାରୁ ନାହାନ୍ତି । ଆମେ ଡିଜିପି ଅଫିସ ଘେରାଉ କରିବୁ ବୋଲି ଆଜି ଘୋଷଣା କରିଛନ୍ତି ଶ୍ରୀଯୁକ୍ତ ଦାସ ।ଏଫ୍ ଏମ୍ ଛାତ୍ରୀ ପୋଡ଼ି ଘଟଣାରେ ପେଟ୍ରୋଲ କିଏ ଆଣିଲା,ମ୍ୟାଚିସ କିଏ ଦେଲା ଏବଂ କେଉଁମାନେ ଉପସ୍ଥିତ ଥିଲେ କ୍ରାଇମ୍ ବ୍ରାଞ୍ଚ ରିପୋର୍ଟ ଆସିଲା କିନ୍ତୁ ଅପରାଧୀ ମାନେ ଏ ପର୍ଯ୍ୟନ୍ତ ଧରାହେଇ ନାହାନ୍ତି। ସରକାର ସବୁ କ୍ଷେତ୍ରରେ ନିଜେ ଅପରାଧ କଲା ଭଳିଆ ବ୍ୟବହାର କାହିଁକି କରୁଛି ? ଚୋରଙ୍କୁ ନ ଧରି ଚୋରଙ୍କ ଭଳିଆ ହେଉଛି କାହିଁକି ? ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀଯୁକ୍ତ ଦାସ ।ଏଭଳି ଦୁର୍ବଳ ପ୍ରଶାସନ ଆମେ କେବେ ଦେଖି ନ ଥିଲୁ, ଆମର ଦୁର୍ଭାଗ୍ୟ ଏଭଳି ଏକ ସରକାର ଆମେ ପାଇଛୁ । ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ପୁଲିସ ଅପରାଧୀ ଧରିବାରେ ବିଫଳ । ସରକାରଙ୍କ ଉପରେ ରାଜ୍ୟବାସୀଙ୍କ ସନ୍ଦେହ ଆସିଲାଣି ।

## ବିଜୁ ଏକ୍ସପ୍ରେସ ଫୋର୍ ଓ୍ୱେ ଗୋଲାମୁଣ୍ଡା ଠାରେ ବାଇକ୍ ଏବଂ ପିକ୍ ଅପ୍ ମୁହାଁମୁହିଁ ଧକ୍କା

ଗୋଲାମୁଣ୍ଡା ( ପି ଏନ):-ବିଜୁ ଏକ୍ସପ୍ରେସ ଫୋର୍ ଓ୍ୱେ ରାସ୍ତା ଗୋଲାମୁଣ୍ଡାଠାରେ ଏକ ବାଇକ୍ ଏବଂ ପିକ୍ ଅପ୍ ଭେନ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ବାଇକ୍ ରେ ବସିଥିବା ତିନି ଜଣ ବ୍ୟକ୍ତି ଛିଟିକି ପଡି ଆହତ ହୋଇଛନ୍ତି । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ ଗୋଲାମୁଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ୩ ଜଣଙ୍କୁ ଉଦ୍ଧାର କରି ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ପିକ୍ ଅପ ଭେନ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି ।ତନ୍ମଧ୍ୟରୁ ଜଣେ ଅତି ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ



ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସୂଚନା କ୍ରମେ ବାଇକରେ ଥିବା ୩ ଜଣ ବ୍ୟକ୍ତି ହେଲେ ନୂଆପଡ଼ା ଜିଲ୍ଲା ସିନାପାଲି ଥାନା କୋକପଦର୍ ଗ୍ରାମର ବୋଲି ଜଣାପଡିଛି। ଓଡ଼ି ୧୭ଏଇ ୧୬୨୬ ନମ୍ବର ପିକପ ଗାଡ଼ିଟି ଜଗଦଲପୁର ରୁ ବାହାରି ଗୋଲାମୁଣ୍ଡା ଦେଇ ବରଗଡ଼ ଜିଲ୍ଲା ପାଇକମାଳ ଅଭିମୁଖେ ଯାଉଥିବା ବେଳେ ଠିକ ଏହି ସମୟରେ (ସିଜି ୦୪ କେ ଜେଡ ୨୭୯୦) ନମ୍ବର ଟିଭିଏସ ସ୍ୱ ?ର୍ଟସ ବାଇକରେ ୩ଜଣ ବ୍ୟକ୍ତି ଚାଳକ ସିନାପାଲି ପଟୁ ଗୋଲାମୁଣ୍ଡାକୁ କୌଣସି କାମରେ ଆସୁଥିବା ସମୟରେ ଗୋଲାମୁଣ୍ଡାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ପିକ୍ ଅପ୍ ଚାଳକ ଜଣକ ହେଉଛନ୍ତି ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅନ୍ତର୍ଗତ ପାଇକମାଳ ଗ୍ରାମ ନରସୀଙ୍ଗପଡ଼ାର ରାଜେଶ ଗଣ୍ଡ (୧୯)ପିତା - ପେତୁଡ଼ିଙ୍ଗ ଗଣ୍ଡ ବୋଲି ଜଣାପଡିଛି।

## ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ୮ମ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ ୨୦୨୫ ପାଳିତ

ଭୁବନେଶ୍ୱର: ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲୁଟିସି) ଭୁବନେଶ୍ୱର ହୋଟେଲ ସ୍ୱସ୍ତି ପ୍ରିମିୟମରେ ୮ମ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ ୨୦୨୫ ସଫଳତାର ସହିତ ଆୟୋଜନ କରିଛି। ବିଶ୍ୱ ବାଣିଜ୍ୟ ସପ୍ତାହର ବିଶ୍ୱବ୍ୟାପୀ ଆୟୋଜନ ଅ'ର୍ଗତ ଏହି କାର୍ଯ୍ୟକ୍ରମରେ ଶିଳ୍ପପତି, ବରିଷ୍ଠ ସରକାରୀ ଅଧିକାରୀ, ବିଶ୍ୱ ବାଣିଜ୍ୟ ବିଶେଷଜ୍ଞ, ଏମଏସଏମଇ, ଉଦ୍ୟୋଗୀ ଏବଂ ଆ'ର୍ଜାତିକ ପ୍ରତିନିଧିମାନେ ଏକତ୍ରିତ ହୋଇ ଓଡ଼ିଶା ପାଇଁ ନୂତନ ବାଣିଜ୍ୟ ସୁଯୋଗ ଏବଂ ସମ୍ଭାବନା ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି ଓଡ଼ିଶା ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଭାବରେ ଉଭା ହେଉଥିବା ବିଷୟରେ ଜୋର୍ ଦେଇଥିଲେ। ସେ ମଧ୍ୟ ଦୁବାଇ ଏବଂ ଆବୁ ଧାବୀ ସହିତ ସିଧାସଳଖ ବିମାନ ସଂଯୋଗ ରାଜ୍ୟର ଲଜିଷ୍ଟିକ୍ସ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି କହିଥିଲେ, ଯାହା ଓଡ଼ିଶାର ପରିଚିତ କି଼ୁ ବିଶ୍ୱ ବଜାରରେ ଠିକ୍ ଭାବେ ପହଂଚି ନ ଥିବା ହସ୍ତତ', ହସ୍ତଶିଳ୍ପ, ଜିଆଇ-ଟ୍ୟାଗ୍ ଥିବା ପଦାର୍ଥ ଏବଂ ସାମୁଦ୍ରିକ ଜୀବ ଉତ୍ପାଦଗୁଡ଼ିକର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ ।ଡଃ କମ୍ଭମପତି ମଧ୍ୟ ଅନାବିଷ୍କୃତ ପର୍ଯ୍ୟଟନ ସମ୍ଭାବନା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ ଗତ ବର୍ଷ ୫ ଲକ୍ଷରୁ ଅଧିକ ଭାରତୀୟ ପର୍ଯ୍ୟଟକ ଭିଏତନାମ ଗସ୍ତ କରିଥିବା ବେଳେ ଭିଏତନାମରୁ ଆସୁଥିବା ପର୍ଯ୍ୟଟକ ସଂଖ୍ୟା କମ୍ ଅଛି। ସେ ଭିଏତନାମୀ ନାଗରିକମାନଙ୍କୁ ଓଡ଼ିଶାର ସମୃଦ୍ଧ ବୌଦ୍ଧ ଐତିହ୍ୟ ପରିଦର୍ଶନ କରିବାକୁ ଆମନ୍ତ୍ରଣ ଦେଇ ରାଜ୍ୟକୁ ଏକ ସାଂସ୍କୃତିକ ଏବଂ ଆଧାତ୍ମିକ ଗ'ବ୍ୟ ସ୍ଥଳୀ ଭାବରେ ପ୍ରତିଷ୍ଠା କରିବାକୁ ପ୍ରୟାସ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ ଫର୍ ଲୋକାଲ' ଅଭିଯାନ ସହିତ ସମନ୍ୱିତ ହୋଇ ସେ ଓଡ଼ିଶାର ଅନନ୍ୟ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ ଏବଂ ରପ୍ତାନି କରିବାକୁ ପ୍ରେରଣା ଦେଇଥିଲେ। 'ପୂର୍ବ ଭାରତର ଅର୍ଥନୈତିକ ଇନ୍: ଓଡ଼ିଶାର ବିଶ୍ୱ ବାଣିଜ୍ୟ ଦୃଷ୍ଟି' ବିଷୟବସ୍ତୁ ଉପରେ ଆଧାରିତ ୨୦୨୫ କାର୍ଯ୍ୟକ୍ରମରେ ଦୁବାଇ ଚେମ୍ବର୍ସ ଅଫ୍ କମର୍ସକୁ କାଉଟିଂ କନେକ୍ଟ ପାର୍ଟନର୍ ଭାବରେ ଗ୍ରହଣ କରାଯାଇଥିଲା, ଯାହା ଓଡ଼ିଶା ଏବଂ ଦୁବାଇ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା। ଡବ୍ଲ୍ୟୁଟିସି ଭୁବନେଶ୍ୱରର ଚେୟାରମ୍ୟାନ୍ ଏବଂ ଡବ୍ଲ୍ୟୁଟିସି ମୁମ୍ବାଇର ଉପାଧ୍ୟକ୍ଷ କ୍ୟାପଟେନ୍ ସୋମେଶ ବାତ୍ରା ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ରପ୍ତାନି ପରିବେଶ ଏବଂ ଏମଏସଏମଇ ବିକାଶକୁ ସମର୍ଥନ କରିବାରେ ଡବ୍ଲ୍ୟୁଟିସିର ବୃଦ୍ଧିପାଉଥିବା ଭୂମିକା ଉପରେ ଆଲୋକପାତ କରିଥିଲେ। ଡବ୍ଲ୍ୟୁଟିସି ଭୁବନେଶ୍ୱରର ଆ'ର୍ଜାତିକ ବାଣିଜ୍ୟ ପ୍ରଚାର ଥିଙ୍କ ଟ୍ୟାଙ୍କର ମାନ୍ୟବର କନଭେନର୍ ଶ୍ରୀ ରାଜେନ ପାଢ଼ି ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଭାବରେ ଜଡ଼ିତ ହୋଇ ଆ'ର୍ଜାତିକ ବାଣିଜ୍ୟକୁ ସୁଗମ କରିବା ପାଇଁ ଡବ୍ଲ୍ୟୁଟିସିର ପ୍ରୟାସ ବିଷୟରେ କହିଥିଲେ। ଡବ୍ଲ୍ୟୁଟିସି ମୁମ୍ବାଇର ଚେୟାରମ୍ୟାନ୍ ଏବଂ ଡବ୍ଲ୍ୟୁଟିସି ଭୁବନେଶ୍ୱରର ନିର୍ଦ୍ଦେଶକ ଡଃ ବିଜୟ କଳନ୍ତ୍ରି ଏମଭିଆଇଅରଡିସି ମୁମ୍ବାଇ ଏବଂ ଡବ୍ଲ୍ୟୁଟିସି ଭୁବନେଶ୍ୱର ଦ୍ୱାରା ବିଶ୍ୱ ବାଣିଜ୍ୟ କେନ୍ଦ୍ର ସଂଗଠନ ( ଡବ୍ଲ୍ୟୁଟିସିଏ) ନେଟୱାର୍କ ମାଧ୍ୟମରେ ଭାରତୀୟ ବ୍ୟବସାୟଗୁଡ଼ିକୁ ବିଶ୍ୱ ବଜାର ସହିତ ସଂଯୋଗ କରିବା ପାଇଁ କରାଯାଉଥିବା ସହଯୋଗୀ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ। ଦୁବଇ ଚେମ୍ବର୍ସର ମୁଖ୍ୟ ପ୍ରତିନିଧି (ଏସିଆ ଅଂଚଳ) - ଭାରତ, ଶ୍ରୀ ଅଭିଜିତସିଂହ ଜାଦେଜା ମୁଖ୍ୟ ଭାଷଣରେ ଦୁବାଇର ଏକ ବିଶ୍ୱସ୍ତରୀୟ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଗେଟଓ୍ୱେ ଭାବରେ ଏହାର କୌଶଳଗତ ଅବସ୍ଥାନ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାଭିତ୍ତିକ ବ୍ୟବସାୟଗୁଡ଼ିକୁ ଦୁବାଇ ମାଧ୍ୟମରେ ଆ'ର୍ଜାତିକ ସୁଯୋଗ ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ ଦେଇଥିଲେ ଏବଂ ରାଜ୍ୟ ସହିତ ବାଣିଜ୍ୟ ସହଯୋଗ ଗଭୀର କରିବାକୁ ଦୁବାଇ ଚେମ୍ବର୍ସର ପ୍ରତିବଦ୍ଧତା ପୁନରାବୃତି କରିଥିଲେ। ଅକଲାଣ୍ଡରେ ଭାରତର କନସଲ ଜେନେରାଲ୍ ଡଃ ମଦନ ମୋହନ ସେଠୀ ଶିକ୍ଷା, କୃଷି ଉତ୍ପାଦ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ବୃଦ୍ଧିପାଉଥିବା ବାଣିଜ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

ସନ୍ଧ୍ୟାରେ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବାଣିଜ୍ୟ ବିକାଶ ପ୍ରୟାସକୁ ନେଇଥିବା ସେକ୍ଟୋରାଲ୍ ଥିଙ୍କ ଟ୍ୟାଙ୍କ କନଭେନର୍ ଏବଂ ସହ-କନଭେନର୍ମାନଙ୍କ ଘୋଷଣା କରାଯାଇଥିଲା। ଡବ୍ଲ୍ୟୁଟିସି ଭୁବନେଶ୍ୱର ସହିତ ଜଡ଼ିତ ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ହସ୍ତତ' ଏବଂ ହସ୍ତଶିଳ୍ପ ଉତ୍ପାଦର ପ୍ରଦର୍ଶନୀ ଓଡ଼ିଶାର ଶିଳ୍ପ ସମୃଦ୍ଧିକୁ ପ୍ରଦର୍ଶନ କରିଥିଲା। ବାଣିଜ୍ୟ ଏବଂ ରପ୍ତାନି କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଉଲ୍ଲେଖନୀୟ ଏମଏସଏମଇ ଏବଂ ସଂଗଠନଗୁଡ଼ିକୁ ସମ୍ମାନିତ କରି ଅଚିଭମେଂଟ ଆୱାର୍ଡ଼ସ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray